# ଲାନ୍‌କୋ ଉପରେ ଲୁଟେରାଙ୍କ ନଜର



କମ୍ପାନୀ ସାମଗ୍ରୀ ଲୁଟ୍ ରୋକିବା ଦାବିରେ ପଦକ୍ଷେପ ନେବାକୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜମିହରା ପ୍ରଜା।

- ସ୍ୱଷ୍ଟ ଦିବାଲୋକରେ ଲୁଟି ନେଉଛନ୍ତି ମୂଲ୍ୟବାନ ସାମଗ୍ରୀ
- ସନ୍ଦେହରେ ପୋଲିସ, କମ୍ପାନୀ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାବଳୀ
- ପ୍ରଭାବଶାଳୀ ନେତା, ଠିକାଦାରଙ୍କ ସମ୍ପୃକ୍ତିକୁ ନେଇ ଚର୍ଚ୍ଚା
- ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଗୁହାରି କଲେ ଜମିହରା ଅଞ୍ଚଳବାସୀ

**ଓଡ଼ାପଡ଼ା, ୩।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୁରୁଣ୍ଟି ଅଞ୍ଚଳରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଦେବାଳିଆ ଲାନ୍‌କୋ-ବାବନ୍ଧ ପାୱାର ଲିମିଟେଡ୍ କମ୍ପାନୀରୁ ଲୁଟ୍ ହେଉଛି ମୂଲ୍ୟବାନ ଧାତବ। କମ୍ପାନୀ ପରିସରରେ ପଡ଼ିରହିଥିବା କୋଟି କୋଟି ଟଙ୍କାର ନିର୍ମାଣ ସାମଗ୍ରୀକୁ ବୋହି ଚାଲିଛନ୍ତି ଲୁଟେରା। ଏଥିରେ କମ୍ପାନୀର କର୍ମଚାରୀ, ଠିକାଦାର ଏବଂ ପ୍ରଭାବଶାଳୀ ନେତା ସାମିଲ ଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ସୁଲଭ ଦରରେ ମିଳୁଥିବା ଚୋରା ସାମଗ୍ରୀ କିଣିବା ଲାଗି ଦୋକାନ ଖୋଲି ବସିଛନ୍ତି କବାଡିଆ। ଅଭିଯୁକ୍ତମାନେ ସ୍ୱଷ୍ଟ ଦିବାଲୋକରେ କାରଖାନାରେ ପଶି ଲୁଟ୍‌ପାଟ୍ କରୁଛନ୍ତି। ଏହା ଏବେ ସେମାନଙ୍କ ନିତିଦିନିଆ ରୋଜଗାରରେ ପରିଣତ ହୋଇଛି। ଦୀର୍ଘଦିନ ତଳେ ଜିଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଅଞ୍ଚଳରେ ଗଢି ଉଠିଥିବା କବାଡ଼ିଆ ଦୋକାନରେ ଚଢ଼ାଉ କରି ବିପୁଳ ପରିମାଣର ଚୋରା ସାମଗ୍ରୀ ଜବତ କରିଥିଲା। ଏଥିରେ ସମ୍ପୃକ୍ତ କେତେଜଣ ଦୋକାନୀ ବନ୍ଧା ହୋଇଥିଲେ। ହେଲେ ଏହାପରେ ଶିଥିଳ ପଡ଼ିଯାଇଛି ପୋଲିସ କାର୍ଯ୍ୟାନୁଷ୍ଠାନ। ଏହାର ସୁଯୋଗରେ ପୁଣିଥରେ ବେଧଡ଼କ ଚୋରା କାରବାର ଆରମ୍ଭ ହୋଇଛି। ଅନ୍ୟପଟେ ଏପରି ଲୁଟ୍ କାରବାର ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଜମିହରା ଜିଲାପାଳଙ୍କୁ ମଙ୍ଗଳବାର ଲିଖିତ ଭାବେ ଅବଗତ କରାଇଛନ୍ତି। ଏହାର ନକଲ ଏସ୍‌ପି ଏବଂ ଥାନାଧିକାରୀଙ୍କୁ ଦିଆଯାଇଛି।

ସୂଚନାଯୋଗ୍ୟ, ୧୩୨୦ ମେଗାୱାଟ କ୍ଷମତାସମ୍ପନ୍ନ ତାପଜ ବିଦ୍ୟୁତ୍ ପ୍ରକଳ୍ପର ୬୦% କାର୍ଯ୍ୟ ସରିଥିବା ବେଳେ ପରିଚାଳନାଗତ ତ୍ରୁଟିରୁ ଗୁରୁତର ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିଲା ଲାନ୍‌କୋ। ବ୍ୟାଙ୍କ ଋଣ ଠିକ୍ ସମୟରେ ପରିଶୋଧ କରି ନ ପାରିବାରୁ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଇନସଲଭେନ୍ସି ଆଣ୍ଡ୍ ବ୍ୟାଙ୍କ୍‌ରପ୍ସି କୋଡ୍ ୨୦୧୬ର ଧାରା ୭ ଅନୁଯାୟୀ ଜାତୀୟ କମ୍ପାନୀ ଲ ଟ୍ରିବୁନାଲ (ଏନ୍‌ସିଏଲ୍‌ଟି)ରେ ୭୧୬୪.୫ କୋଟି ଟଙ୍କା ବକେୟା ଋଣ ନେଇ ମାମଲା ରୁଜୁ କରାଯାଇଥିଲା। ଗତ ଅଗଷ୍ଟରେ ଏନ୍‌ସିଏଲ୍‌ଟି ଏହି ମାମଲାକୁ ଗ୍ରହଣ କରିବା ସହ ଆଇନ ମୁତାବକ ଉକ୍ତ କମ୍ପାନୀ ପାଇଁ ଇନ୍‌ସଲଭାନ୍ସି ରିଜୋଲ୍ୟୁଶନ ପ୍ରଫେସନାଲ ନିଯୁକ୍ତ କରିଛନ୍ତି। ଏଥିସହିତ କମ୍ପାନୀର ଋଣ ପରିଶୋଧକୁ ସ୍ଥଗିତ କରାଯାଇଛି। ଏପରି ଅବସ୍ଥାରେ ବେଧଡକ୍ ଲୁଟ୍ ଯୋଗୁ ଋଣ ପ୍ରଦାନକାରୀ ସଂସ୍ଥା କିଭଳି ଋଣ ଫେରିପାଇବେ ଏବଂ ଏହି କମ୍ପାନୀକୁ କିଏ ଅଧିଗ୍ରହଣ କରିବ ସେ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ।

### ଖବରଦାତାଙ୍କୁ ସୁରକ୍ଷା ଦାବିରେ ବିକ୍ଷୋଭ

## ଜିଲାପାଳଙ୍କୁ ୫ଦଫା ଦାବିପତ୍ର ପ୍ରଦାନ




ବିକ୍ଷୋଭରେ ସାମିଲ ହୋଇଥିବା ଖବରଦାତାମାନେ।

**ଢେଙ୍କାନାଳ ଅଫିସ, ୩।୧୦**

ଖବରଦାତାଙ୍କୁ ସୁରକ୍ଷା ପାଇଁ ଆଇନ ପ୍ରଣୟନ ଏବଂ ୫ଦଫା ଦାବିରେ ଢେଙ୍କାନାଳ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସମେତ ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଖବରଦାତାମାନେ ସାମିଲ ହୋଇଥିଲେ। ସଂଘର ସଦସ୍ୟମାନେ ବାଜିଚୌକଠାରୁ ସ୍ଲୋଗାନ ଦେଇ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବାଲେଶ୍ୱର, ପୁରୀ, ବାଲିଆପାଳ, ଢେଙ୍କାନାଳ ସମେତ ବିଭିନ୍ନ ସ୍ଥାନରେ ଖବରଦାତାଙ୍କୁ ଆକ୍ରମଣ ଦୁର୍ଭାଗ୍ୟଜନକ ବୋଲି ସଂଘର ସଦସ୍ୟମାନେ କହିଥିଲେ। ମହାରାଷ୍ଟ୍ର ଢାଞ୍ଚାରେ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା, ଅବସରକାଳୀନ ଜୀବନ ବିତାଉଥିବା ସାମ୍ବାଦିକଙ୍କୁ ୧୦ହଜାର ଟଙ୍କା ଭତ୍ତା, ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ, ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଟାଉନ ଥାନାଧିକାରୀଙ୍କ ବଦଳି ଦାବିରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା।

ଜିଲା ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ପ୍ରତାପ ବରାଳଙ୍କ ନେତୃତ୍ୱରେ ସଂଘର ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ।

### ଟିପ୍ପର ଧକ୍କାରେ ବାଇକ୍ ଆରୋହୀ ମୃତ

**ଢେଙ୍କାନାଳ ଅଫିସ,୩।୧୦**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଅଧୀନ ରାଧାଦେଇପୁର ରାସ୍ତାରେ ବୁଧବାର ଟିପ୍ପର ଧକ୍କାରେ ଜଣେ ବାଇକ୍ ଆରୋହୀ ପ୍ରାଣ ହରାଇଛନ୍ତି। ସେ ହେଲେ ବାବୁ ନାୟକ (୨୭)। ଭୁବନ ଥାନା ଲକ୍ଷ୍ମୀଧରପୁର ଗ୍ରାମର ବାବୁ ଏବଂ କେଶବ ମହାନ୍ତ ରାଧାଦେଇପୁରସ୍ଥିତ ସାଙ୍ଗ ଘରକୁ ବାଇକ୍‌ରେ ଯାଉଥିବାବେଳେ ପଛପଟୁ ଟିପ୍ପର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ବାବୁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଫାଣ୍ଡି ଅଧିକାରୀ ଗୋପୀନାଥ ବଳିୟାରସିଂ ସୂଚନା ଦେଇଛନ୍ତି।

### ବାଲି ବୋଝେଇ ଟ୍ରାକ୍ଟର ଜବତ

**ଭୁବନ, ୩।୧୦(ଡି.ଏନ୍.ଏ.)**

ଭୁବନ ପୋଲିସ ଯମୁନାକୋଟ ଛକରୁ ବୁଧବାର ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର (ଓଡି ୦୬ ସି ୯୮୦୩) ଜବତ କରିଛି। ଉକ୍ତ ଟ୍ରାକ୍ଟରଟି ଯମୁନାକୋଟ ନିକଟ ରାମିଆଳ ନଦୀରୁ ବାଲି ବୋଝେଇ କରି ପଳାସପିଠିଆ ଗ୍ରାମକୁ ଯାଉଥିଲା। ସୂଚନା ପାଇ ଏଏସ୍‌ଆଇ ଶେଷଦେବ ଲେଙ୍କାଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଜବତ ଟ୍ରାକ୍ଟରକୁ ତହସିଲଦାରଙ୍କୁ ହସ୍ତାନ୍ତର କରାଯାଇଛି।

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

## ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

**ଢେଙ୍କାନାଳ ଅଫିସ, ୩।୧୦**

ଢେଙ୍କାନାଳ ସୌଦାମିନି ସ୍ମୃତି ବିଦ୍ୟାପୀଠରେ ବୁଧବାର କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପାଳସାଗର କ୍ଲଷ୍ଟର ଅଧୀନ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ ଆୟୋଜିତ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ପ୍ରତିଭା ପ୍ରଦର୍ଶନ କରିଥିଲେ।

ବିତର୍କରେ ଖୁସ୍‌ମିନା ସାଇନ୍, ପ୍ରବନ୍ଧରେ ତୁଳସୀ ମହାରଣା ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ବରିଷ୍ଠ ବର୍ଗ ସୃଜନ ଲିଖନରେ ରାକେଶ୍ ମଲ୍ଲିକ, ସଙ୍ଗୀତରେ ବବ୍‌ଲୁ ବେହେରା, ଚିତ୍ରାଙ୍କନରେ କୟକଷା ଫାର୍‌ହା, ବକ୍ତୃତାରେ ମଙ୍ଗୋଲି ସେଠୀ, କୁଇଜ୍‌ରେ ସିନୁ ନାଏକ ଏବଂ କନିଷ୍ଠ ବିଭାଗ ସୃଜନଶୀଳ ଲିଖନରେ ଅର୍ଚ୍ଚନା ସାହୁ, ସଙ୍ଗୀତରେ ଜୟଶ୍ରୀ ଜୟସ୍ମିତା ବେହେରା, ଚିତ୍ରାଙ୍କନରେ ଯଜ୍ଞଦତ୍ତ ମଲ୍ଲିକ, ବକ୍ତୃତାରେ କିମିକ୍ରିଷ୍ଟା ବେହେରା, କୁଇଜ୍‌ରେ ଅଭୀପ୍ସା ସାହୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି ଶ୍ରୁତଲିଖନ ଓ ହସ୍ତାକ୍ଷର



କ୍ଲଷ୍ଟରସ୍ତରୀୟ ସୁରଭିରେ ଭାଗ ନେଇଥିବା ଅତିଥିମାନେ।

ପ୍ରତିଯୋଗିତାରେ ପ୍ରୀତିମଞ୍ଜରୀ ମଲ୍ଲିକ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ରଶ୍ମିତା ଷେଣ୍ଡ ଏବଂ ସାଥୀ, ମଧ୍ୟାହ୍ନ ଭୋଜନ ମେଳାରେ ଅଭୀପ୍ସା ସାହୁ ଓ ସୂର୍ଯ୍ୟନାରାୟଣ ପୃଷ୍ଟି, ଦିବ୍ୟାଙ୍ଗ ବିଭାଗ ସଙ୍ଗୀତରେ ରାକେଶ୍ ସେଠୀ, ଚିତ୍ରାଙ୍କନରେ ପ୍ରିୟଦର୍ଶିନୀ ବେହେରା ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି। ସମସ୍ତ ଛାତ୍ରୀଛାତ୍ର ଆସନ୍ତା ୧୦ ତାରିଖରେ ଅନୁଷ୍ଠିତ ହେବାକୁଥିବା ବ୍ଲକସ୍ତରୀୟ ସୁରଭି ପାଇଁ ମନୋନୀତ ହୋଇଛନ୍ତି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କ୍ଷେତ୍ରବାସୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ ସରୋଜ କୁମାର ଷଡଙ୍ଗୀ, ଶିକ୍ଷକ ବିପିନ ବିହାରୀ ପାଲ୍, ସାବିତ୍ରୀ ଶତପଥୀ, ରାଜେଶ୍ୱରୀ ମିଶ୍ର, ପୁନମ୍ ପ୍ରିୟମ୍ବଦା ପ୍ରଧାନ, କଳା ଶିକ୍ଷୟିତ୍ରୀ କରବୀ ପ୍ରିୟମ୍ବଦା ପଟ୍ଟନାୟକ, ପ୍ରତିମା ଶତପଥୀ, ରୀତା ଦାସ, ଚାରୁଲତା ସାହୁ, ଅପର୍ଣ୍ଣା ସାମଲ, ସୌଦାମିନୀ ଦେହୁରୀ ପ୍ରମୁଖ ବିଚାରକ ରହିଥିଲେ। ସିଆର୍‌ସିସି ବିଷ୍ଣୁ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସାହୁ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଅନୁରୂପ ଭାବେ ଜର୍ଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆର୍‌ସିସି ସୁବାସିନୀ ମିଶ୍ର, ମୁକ୍ତାଦେଇପୁରରେ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ଦାସ ଏବଂ ବାଳିକା ପ୍ରାଥମିକ ବିଦ୍ୟାଳୟରେ ବୀଣାପାଣି ମିଶ୍ରଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

### ଆକ୍ରମଣ ମାମଲାରେ ପାଲଟା ଅଭିଯୋଗ

**ଢେଙ୍କାନାଳ ଅଫିସ, ୩।୧୦**

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଆକ୍ରମଣ କରି ଲୁଟ୍ ମାମଲାରେ ଅଭିଯୁକ୍ତଙ୍କ ପରିବାର ପକ୍ଷରୁ ପାଲଟା ଏତଲା ଦିଆଯାଇଛି। ଅଭିଯୁକ୍ତଙ୍କ ଭାଇ ରମେଶ ଚନ୍ଦ୍ର ଦାସଙ୍କ ଅଭିଯୋଗକ୍ରମେ ଏ ନେଇ ନଂ. ୮୮/୧୮ରେ ମାମଲା ରୁଜୁ କରାଯାଇଛି। ରମେଶଙ୍କ ସାନଭାଇଙ୍କୁ ଅଭିଯୋଗକାରୀଙ୍କ ସମ୍ପର୍କୀୟ ଆକ୍ରମଣ କରିଥିଲେ। ତାଙ୍କ ନିକଟରେ ଥିବା ୧୧ ହଜାର ଟଙ୍କା ଛଡ଼ାଇ ନେବା ସହ ଧମକଚମକ ଦେଇଥିଲେ। ଏଥିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ରମେଶଙ୍କ ସାନଭାଇ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ପ୍ରମୁଖ ଅଭିଯୁକ୍ତ ଅଛନ୍ତି।




## ସଂକ୍ଷେପରେ

### ୧୩୧ ଜଣଙ୍କ ସ୍ୱାସ୍ଥ୍ୟପରୀକ୍ଷା



**ଭାପୁର, ୩।୧୦(ଡି.ଏନ୍.ଏ.)** ଓଡ଼ାପଡ଼ା ବ୍ଲକ ଘଟିପିରି ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ଅବସରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବୀର ୟୁଥ୍ କ୍ଲବ ଏବଂ ଲାୟନ୍ସ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଶିବିରରେ ଘଟିପିରି, କୋଉମ, କଳାଙ୍ଗ, ଗୋବିନ୍ଦପ୍ରସାଦ ପଞ୍ଚାୟତର ୧୩୧ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡାକ୍ତର ମନୋରଞ୍ଜନ ଜେନାଙ୍କ ପରାମର୍ଶକ୍ରମେ ସମସ୍ତଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ଏଥିପୂର୍ବରୁ କ୍ଲବର ସଦସ୍ୟମାନେ ରୋଗୀଙ୍କୁ ସ୍ୱଚ୍ଛତା ରକ୍ଷା ଏବଂ ପଲିଥିନ ବ୍ୟବହାର ନିଷେଧ ଉପରେ ସଚେତନ କରାଇଥିଲେ।

### ଜାତିପ୍ରଥା ବିଲୋପ ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୩।୧୦** ଢେଙ୍କାନାଳ ପୌରାଞ୍ଚଳସ୍ଥିତ ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ରଙ୍କ ସଭାପତିତ୍ୱରେ ମଙ୍ଗଳବାର ଗାନ୍ଧୀଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଡ. ଭବାନୀ ଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସାମାଜିକକର୍ମୀ ପ୍ରଶାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ମଦ ବିରୋଧରେ ସଂଗ୍ରାମ କରିବା ଏବଂ ଜାତିପ୍ରଥାର ବିଲୋପ ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଚାଳନା କମିଟି ସଭାପତି ଶୁଭେନ୍ଦୁ ମହାପାତ୍ର, ସଭ୍ୟ ମନୋଜ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧର୍ମାନନ୍ଦ ବେହେରା ପ୍ରମୁଖ ବୃକ୍ଷରୋପଣ ଉପରେ ସଚେତନ କରାଇଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ କୁନା ବିଶ୍ୱାଳ ପ୍ରଥମ, ଶୁଚିସ୍ମିତା ନାଥ ଦ୍ୱିତୀୟ ଏବଂ ସୁମିତ୍ରୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷୟିତ୍ରୀ ସାରଳା ସାହୁଙ୍କ ସମେତ ଇକୋ କ୍ଲବ ସଦସ୍ୟମାନେ ସଫେଇ କରିଥିଲେ। ଶିକ୍ଷକ ସୁଶୀଳ ସାହୁ ଧନ୍ୟବାଦ ଦେଇଥିଲେ।

### ଜିଲାସ୍ତରୀୟ ଫୁଟବଲ: କାମାକ୍ଷାନଗର ବିଜୟୀ

**ଢେଙ୍କାନାଳ ଅଫିସ୍, ୩।୧୦** ଢେଙ୍କାନାଳ କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍ ଚାଲିଥିବା ଜିଲାସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ମ୍ୟାଚରେ କାମାକ୍ଷାନଗର ୨-୧ ଗୋଲରେ ତାଳବରକୋଟ ଚାନ୍ଦ କ୍ଲବକୁ ପରାସ୍ତ କରି ୩ ପଏଣ୍ଟ ହାସଲ କରିଛି। ବିଜୟୀ ଦଳର ଜିତୁ ଟୁଡୁ, ପ୍ରିୟରଞ୍ଜନ ଖିଲାର ଏବଂ ଚାନ୍ଦ କ୍ଲବ ପକ୍ଷରୁ ସୁଲେମାନ ଖାଁ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ମହାବୀର ନାଥ, ଅରୁଣ ନାୟକ, ତନ୍ମୟ ପଟ୍ଟନାୟକ, ପ୍ରଶାନ୍ତ ନାୟକ ମ୍ୟାଚ୍ ପରିଚାଳନା କରିଥିବାବେଳେ ମାୟାଧର ସାହୁ କମିଶନର ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ କ୍ରୀଡାବିତ୍ ଗୋବର୍ଦ୍ଧନ ଦଳେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂଘ ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀ, ମନୋଜ ପଟ୍ଟନାୟକ, ଶତ୍ରୁଘ୍ନ ମାଟି, ଅଜୟ କୁମାର ସ୍ୱାଇଁ, ଶ୍ୟାମସୁନ୍ଦର ମହାପାତ୍ର, ସଞ୍ଜୟ ନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହାୟତା କରିଥିଲେ।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ସାତମାଇଲ, ୩।୧୦(ଡି.ଏନ୍.ଏ.)** ହିନ୍ଦୋଳ ବ୍ଲକ ଜନତା କଲେଜ ଭୂଗୋଳ ସମ୍ମାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟାପକ ଜୟନ୍ତ କୁମାର ମହାପାତ୍ର ସଭାରେ ସଭାପତିତ୍ୱ କରିଥିଲେ। ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ ସହ ମନଦେଇ ପାଠ ପଢ଼ିବାକୁ ସେ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ବରିଷ୍ଠ ଛାତ୍ରୀଛାତ୍ରମାନେ ନବାଗତଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ପ୍ରଦୀପ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

■ଜୋର୍ ଧରିଲା ଶିକ୍ଷକ ନିଯୁକ୍ତି ଦାବି

# ସ୍କୁଲରେ ତାଲା ଠୁଙ୍କିଲେ ଗ୍ରାମବାସୀ

**ଓଡ଼ାପଡ଼ା, ୩।୧୦(ଡି.ଏନ.ଏ.)**



ମୋଟଙ୍ଗା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ତାଲାବନ୍ଦ ଆନ୍ଦୋଳନ।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ତାଲା ପକାଇ ପ୍ରତିବାଦ କରିଛନ୍ତି ପରିଚାଳନା କମିଟି କର୍ମକର୍ତ୍ତା ଏବଂ ଗ୍ରାମବାସୀ।

୧୯୫୨ରେ ସ୍ଥାପିତ ଉକ୍ତ ସ୍କୁଲରେ ପ୍ରଥମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୮୪ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ଶିକ୍ଷାଦାନ ଲାଗି ନିଯୁକ୍ତି ହୋଇଛନ୍ତି ୩ଜଣ ଶିକ୍ଷା ସହାୟକ। ଦୀର୍ଘଦିନ ଧରି ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ଏହାକୁ ବାଦ୍ ଦେଲେ ଭଙ୍ଗା ପାଚେରି, ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏପରି କି ସ୍କୁଲରେ ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇନାହିଁ। ଏ ସମ୍ପର୍କରେ ଏସ୍‌ଏମ୍‌ସି, ଗ୍ରାମବାସୀ, ଅଭିଭାବକମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏହାକୁ ନେଇ ଅସନ୍ତୋଷ ବଢ଼ିଚାଲିଥିଲା। ପ୍ରତିବାଦ ସ୍ୱରୂପ ବୁଧବାର ପୂର୍ବାହ୍ନ ୧୦ଟାରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ବେହେରାଙ୍କ ନେତୃତ୍ୱରେ ଗ୍ରାମବାସୀ ଏକାଠି ହୋଇ ସ୍କୁଲର ସମସ୍ତ ପ୍ରକୋଷ୍ଠରେ ତାଲା ପକାଇ ଦେଇଥିଲେ। ସମସ୍ୟା ସମାଧାନ ନ ହେବା ଯାଏ ସ୍କୁଲରେ ତାଲା ଖୋଲିବ ନାହିଁ ବୋଲି କମିଟି ଅଧ୍ୟକ୍ଷ କହିଛନ୍ତି। ଏହାକୁ ନେଇ ବୁଧବାର ପାଠପଢ଼ା ଠପ୍ ହୋଇଯାଇଥିଲା।

ଏ ସମ୍ପର୍କରେ ଏବିଇଓ ପ୍ରମୋଦିନୀ ପଟ୍ଟନାୟକ କୁହନ୍ତି, ସେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷଙ୍କ ସହ କଥା ହୋଇଛନ୍ତି। ଏକ ସପ୍ତାହ ମଧ୍ୟରେ ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା କରାଯିବ। ଖାଦ୍ୟ ନିରାପତ୍ତା ଆଇନ ଅନୁସାରେ ମଧ୍ୟାହ୍ନ ଭୋଜନ ବନ୍ଦ କରିବାର ଅଧିକାର କାହାର ନାହିଁ। ବିଦ୍ୟାଳୟରେ ତାଲା ପକାଇବା ଠିକ୍ ନୁହେଁ ବୋଲି ସେ କହିଛନ୍ତି। ସନ୍ଧ୍ୟାସୁଦ୍ଧା ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଥିବାରୁ ଗୁରୁବାର ମଧ୍ୟ ଶିକ୍ଷାଦାନ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି।



ସୋଲାର ଲ୍ୟାମ୍ପ ପାଇଥିବା ଛାତ୍ରୀଛାତ୍ରମାନେ।

## ୧୦୦ ଶିକ୍ଷାର୍ଥୀଙ୍କୁ ମିଳିଲା ସୋଲାର ଲ୍ୟାମ୍ପ

**ପରଜଙ୍ଗ, ୩।୧୦(ଡି.ଏନ୍.ଏ.)**

ପରଜଙ୍ଗସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ମଙ୍ଗଳବାର ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ନୃସିଂହ ଚରଣ କର ପୌରୋହିତ୍ୟ କରିଥିଲେ। ପଦାର୍ଥ ବିଜ୍ଞାନ ଶିକ୍ଷକ ମୀନକେତନ ସାହୁଙ୍କ ତତ୍ତ୍ୱାବଧାନରେ ବମ୍ବେ ଆଇଆଇଟି ଦ୍ୱାରା ପ୍ରାୟୋଜିତ 'ଷ୍ଟୁଡେଣ୍ଟ ସୋଲାର ଆମ୍ବାସାଡର' କର୍ମଶାଳା ଆୟୋଜିତ ହୋଇଥିଲା। ଏହାକୁ ଆଇଜିଆଇଟିର ପ୍ରଫେସର ବି.ଡି. ସାହୁ ଉଦ୍‌ଘାଟନ କରିଥିଲେ। ୧୦୦ ଜଣ ଶିକ୍ଷାର୍ଥୀଙ୍କୁ ସୋଲାର ଲ୍ୟାମ୍ପ ପ୍ରଦାନ କରାଯାଇଥିଲା।

ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କୁ ନେଇ 'ସ୍ୱଚ୍ଛତା ହିଁ ସେବା' ଶୋଭାଯାତ୍ରା ନଗର ପରିକ୍ରମା କରି ସ୍ୱଚ୍ଛ ଭାରତ ସମ୍ପର୍କିତ ସଚେତନତା ବର୍ତ୍ତା ବାଣ୍ଟିଥିଲା। ଏହି ପରିପ୍ରେକ୍ଷୀରେ ଏନ୍‌ଟିଏସ୍‌ଇରେ କୃତକାର୍ଯ୍ୟ ହୋଇଥିବା ଏକାଦଶ ଶ୍ରେଣୀର ଇତିଶ୍ରୀ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ଆଇଜିଆଇଟି ପ୍ରଫେସର ବିଦ୍ୟାଧର ସାହୁ, ଡିଏଭି ଅଧ୍ୟକ୍ଷ ନିଶିକାନ୍ତ କର, ଗାନ୍ଧିଜୀଙ୍କ ବିଚାରଧାରା, ନୀତିଆଦର୍ଶକୁ ଅନୁକରଣ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

# ସମ୍ମାନିତ ହେଲେ ମେଧାବୀ



ସମ୍ମାନିତ ହୋଇଥିବା ଛାତ୍ରୀଛାତ୍ରମାନେ।

**ସାତମାଇଲ, ୩।୧୦(ଡି.ଏନ୍.ଏ.)**

ସାତମାଇଲସ୍ଥିତ ଜନତା କଲେଜରେ ହିନ୍ଦୋଳ କଲ୍ୟାଣ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୨୦୧୮ରେ ସର୍ବୋଚ୍ଚ ମାର୍କ ରଖିଥିବା ମାଟ୍ରିକ୍ ଏବଂ ଯୁକ୍ତ ୨ ବିଭାଗର ବିଦ୍ୟାର୍ଥୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ସଙ୍ଗଠନର ସଭାପତି ଉମାଚରଣ ମିଶ୍ରଙ୍କ ପୌରୋହିତ୍ୟ କରିଥିଲେ। ଏହି ଅବସରରେ 'ପ୍ରଚଳିତ ଶିକ୍ଷାବ୍ୟବସ୍ଥା ଠିକ୍ ମାର୍ଗରେ କି' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଶୁକଦେବ ନନ୍ଦ, ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଲକ୍ଷ୍ମୀନାରାୟଣ ମିଶ୍ର, ସମ୍ମାନିତ ଅତିଥି ଜନତା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ବିରଞ୍ଚି ନାରାୟଣ ପତି, ଇଂ. ଭାବବିନୋଦ ପାଣିଗ୍ରାହୀ, କଲେଜ ଅଧ୍ୟକ୍ଷ ଡ. ପ୍ରମୋଦ ମିଶ୍ର ମଞ୍ଚାସୀନ ରହି ସୁସ୍ଥ ଓ ସମୃଦ୍ଧ ସମାଜ ଗଠନରେ ବ୍ରତୀ ହେବାକୁ ଛାତ୍ରୀଛାତ୍ର ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଇଂ. ପ୍ରବୋଧ କୁମାର ପାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ମାଟ୍ରିକ୍ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପୂର୍ଣ୍ଣସ୍ମିତା ବରାଳ, ଅର୍ପିତା ଖୁଣ୍ଟିଆ, ଶୁଭଲକ୍ଷ୍ମୀ ସାମନ୍ତ, ଓମ୍‌ପ୍ରୀତି ପ୍ରଧାନ, ଆଶୁତୋଷ ପାଳ, ନିହାର ରଞ୍ଜନ ସାମଲ, ସୋମନାଥ ପ୍ରଧାନ, ତୃପ୍ତିମୟୀ ବେହେରା, ସମୀକ୍ଷା ପାଳ, ଆଶୁତୋଷ ଦ୍ୱିବେଦୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଯୁକ୍ତ ୨ ବିଜ୍ଞାନରେ ଶୁଭମ୍ ସ୍ୱାଗତ ଗଡନାୟକ, ମଧୁସ୍ମିତା ବେହେରା, କଳା ବିଭାଗରେ ବର୍ଷାରାଣୀ ଭୋଇ, ରାଜେଶ୍ୱରୀ ସାମଲ, ବାଣିଜ୍ୟରେ ନରେନ୍ଦ୍ର ପ୍ରଧାନ, ସୁଚିତ୍ରା ବେହେରା ମଧ୍ୟ ପୁରସ୍କୃତ ହୋଇଥିଲେ। କଲେଜର କର୍ମଚାରୀ ଏବଂ କଲ୍ୟାଣ ସଙ୍ଗଠନର କର୍ମକର୍ତ୍ତାଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଦେଶରେ ଚାଷୀ ବେଶି ଉପେକ୍ଷିତ

**ଢେଙ୍କାନାଳ ଅଫିସ, ୩।୧୦**

ଢେଙ୍କାନାଳ ଦଧିବାମନ ମଠରେ ବୁଧବାର ଜିଲାସ୍ତରୀୟ ଭାରତୀୟ କିଷାନ ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୫ ତାରିଖରେ ରେଢ଼ାଖୋଲରେ ସଂଘର ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏଥିରେ ବହୁ ସଂଖ୍ୟାରେ ସଭ୍ୟ ଯୋଗଦେବାକୁ ରାଜ୍ୟ ସଙ୍ଗଠନ ପ୍ରତିନିଧି ନକୁଳ ଚରଣ ରାଉତ ଆହ୍ୱାନ ଦେଇଥିଲେ। କୃଷି ପ୍ରଧାନ ଭାରତରେ ଚାଷୀ ସବୁଠାରୁ ବେଶି ଉପେକ୍ଷିତ ଓ ଅବହେଳିତ। ଫସଲ ନଷ୍ଟ ଏବଂ ଋଣ ବୋଝ କାରଣରୁ ଚାଷୀ ଆତ୍ମହତ୍ୟା ବୃଦ୍ଧି ପାଇବାରେ ଲାଗିଛି। ମରୁଡ଼ି ସହାୟତା ପାଇଁ ଠିକ୍ ଭାବେ କ୍ଷୟକ୍ଷତି ଆକଳନ ହେଉନାହିଁ। ଚାଷୀମାନେ ହକ୍‌ରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଏହାର ପ୍ରତିବାଦରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉପେନ୍ଦ୍ର କୁମାର ରାଉତ, କୃଷ୍ଣମୋହନ ସାହୁ, ବୈକୁଣ୍ଠନାଥ ବେହେରା, ଅନନ୍ତ ଚରଣ ଶତପଥୀ, ପ୍ରମୋଦ ଚରଣ ବାରିକ, ସମ୍ପାଦକ ବିଦ୍ୟାଧର ମହାନ୍ତି, ବିଦ୍ୟାଧର ହୋତା, ଯଦୁନାରାୟଣ ଦାସ, ହରି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■୮ଦଫା ଦାବି ପୂରଣ ନୋହିଲା

# ୫ରେ ଭାଜପାର ଭୁବନ ବନ୍ଦ ଡାକରା



ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତାମାନେ।

**ଭୁବନ, ୩।୧୦(ଡି.ଏନ୍.ଏ.)**

ଅଞ୍ଚଳର ମୌଳିକ ସମସ୍ୟାକୁ ଅଣଦେଖା ପ୍ରତିବାଦରେ ଆସନ୍ତା ୫ ତାରିଖରେ ଭୁବନ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏହାକୁ ସଫଳ କରିବାକୁ ମଣ୍ଡଳ ସଭାପତି ସନ୍ତୋଷ କୁମାର ବିହାରୀଙ୍କ ଅଧ୍ୟକ୍ଷତାରେ ବୁଧବାର ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଅନନ୍ତପୁର ଛକରୁ ବାଟତାରିଣୀ ପୀଠ ଯାଏ କଂକ୍ରିଟ୍ ରାସ୍ତା ନିର୍ମାଣ, ବସ୍‌ଷ୍ଟାଣ୍ଡର ସମ୍ପ୍ରସାରଣ, ଶୋଚନୀୟ ହୋଇପଡ଼ିଥିବା ଏନ୍‌ଏସିର ସମସ୍ତ ରାସ୍ତା ମରାମତି, ଭୁବନକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ, ରଗଡ଼ିନାଳଠାରୁ ସୁଲେଇପାଳ ଏବଂ ପାଣ୍ଡରା ପର୍ଯ୍ୟନ୍ତ ରାସ୍ତାର ପୁନରୁଦ୍ଧାର, ସୌରଶକ୍ତି ବିଦ୍ୟୁତୀକରଣ ବ୍ୟବସ୍ଥା, ଶ୍ମଶାନ ଘାଟରେ ଆଲୋକୀକରଣ, ସ୍ଥାୟୀ ଷ୍ଟାଡିୟମ ନିର୍ମାଣ ଆଦି ୮ଦଫା ଦାବି ନେଇ ଉପଜିଲାପାଳ, ଏସ୍‌ପି, ତହସିଲଦାର, ଥାନାଧିକାରୀ ଏବଂ ନିର୍ବାହୀ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲା ଭାଜପା। ସମସ୍ୟା ସମାଧାନ ଲାଗି ପ୍ରଶାସନକୁ ୭ଦିନ ସମୟ ଦିଆଯାଇଥିଲା। ଏହାକୁ ଅଣଦେଖା କରାଯାଇଥିବାରୁ ଶୁକ୍ରବାର ଭୁବନ ବନ୍ଦ ଡାକରା ଦିଆଯାଇଥିବା ମଣ୍ଡଳ ସଭାପତି ସୂଚନା ଦେଇଛନ୍ତି। କାଳୀବଜାରଠାରେ ୧୨ଘଣ୍ଟିଆ ବନ୍ଦ ପାଳନ କରାଯିବ। ବନ୍ଦ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦିଆଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପରିଷଦ ସଦସ୍ୟ ସନାତନ ପାତ୍ର, ଜିଲା ଉପସଭାପତି ଶତ୍ରୁଘ୍ନ ଜେନା, ନଗର ମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା, ସମ୍ପାଦକ ଟିଟୁ ଦାସ, ସୌଭାଗ୍ୟ ସାହୁ, କର୍ମକର୍ତ୍ତା ମାୟାଧର ଗୁରୁ, ମୋହନ ନାୟକ, ଗଣେଶ୍ୱର ନାୟକ, ଗିରିଶ ମହାରଣାଙ୍କ ସମେତ ବହୁ ଯୁବମୋର୍ଚ୍ଚା କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମଧ୍ୟାହ୍ନ ଭୋଜନକୁ ନେଇ ମାର୍‌ପିଟ୍: ପରିଚାଳନା କମିଟି ସଭାପତି ଗିରଫ

**ଓଡ଼ାପଡ଼ା, ୩।୧୦(ଡି.ଏନ.ଏ.)**

ଢେଙ୍କାନାଳ ସଦର ଥାନା ଝାରଗାଡ଼ିଆ ଫାଣ୍ଡି କାଶିଆଡ଼ିହ ଶ୍ରୀଲୋକନାଥ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଅସ୍ୱାସ୍ଥ୍ୟକର ମଧ୍ୟାହ୍ନ ଭୋଜନକୁ ନେଇ ଗଣ୍ଡଗୋଳ ହୋଇଛି। ସମିତିସଭ୍ୟା ବିଦ୍ୟୁଲତା ରାଉତଙ୍କ ଅଭିଯୋଗକ୍ରମେ ପରିଚାଳନା କମିଟି ସଭାପତି ସୂର୍ଯ୍ୟନାରାୟଣ ପାତ୍ର ଓରଫ୍ ଅଶୋକ ଗିରଫ ହୋଇଛନ୍ତି। ପୂର୍ବାହ୍ନ ୧୧ଟାରେ ସ୍କୁଲରେ ସ୍ୱାସ୍ଥ୍ୟ ପରୀକ୍ଷା ଚାଲିଥିବାବେଳେ ମଧ୍ୟାହ୍ନ ଭୋଜନରେ ବ୍ୟବହୃତ ପରିବା, ରନ୍ଧନ ପ୍ରକ୍ରିୟା ବିଧି ଅନୁଯାୟୀ କରାଯାଉ ନ ଥିବା ନେଇ ସଭାପତି ସ୍ୱାସ୍ଥ୍ୟ ଯାଞ୍ଚକାରୀ ଦଳ ନିକଟରେ ଅଭିଯୋଗ କରିଥିଲେ। ହେଲେ ଏହାର ପ୍ରତିବାଦ କରିଥିଲେ ମଧ୍ୟାହ୍ନଭୋଜନ ଦାୟିତ୍ୱ ବୁଝୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ତଥା ସ୍ଥାନୀୟ ସମିତିସଭ୍ୟା ବିଦ୍ୟୁଲତା ରାଉତ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବାକ୍‌ବିତଣ୍ଡା ହୋଇ ମାର୍‌ପିଟ୍ ଯାଏ କଥା ଯାଇଥିଲା। ବିଦ୍ୟୁଲତାଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୪୪୧/୧୮, ଦଫା ୩୪୧, ୩୫୪ (ବି), ୩୨୩, ୨୯୪ ଓ ୫୦୬ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

## ଫଟୋରେ ଖବର



ଢେଙ୍କାନାଳ ପୌରାଞ୍ଚଳର ୧୪ନଂ. ୱାର୍ଡ ହାଉସିଂବୋର୍ଡ କଲୋନୀରେ ବୁଧବାର ବିଜୁ ଯୁବ ବାହିନୀ ନଂ. ୭ ଏବଂ ୧୦ ଗ୍ରୁପ୍ ପକ୍ଷରୁ ଶପଥପାଠ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କର୍ମକର୍ତ୍ତାମାନେ ହୀରାସାଗରରୁ ଦଳ ସଫେଇ କରିଥିଲେ।




ଓଡ଼ାପଡ଼ା ବ୍ଲକ କୁଶୁପଙ୍ଗା ଅଞ୍ଚଳକୁ ନିଶାମୁକ୍ତ କରିବା ନେଇ ସଂକଳ୍ପବଦ୍ଧ ହୋଇଥିବା ବିଜୁ ଯୁବ ବାହିନୀ କର୍ମକର୍ତ୍ତାମାନେ।

### ଧରିତ୍ରୀର ଢେଙ୍କାନାଳ – ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୬୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ନବବଧୂଙ୍କୁ ହତ୍ୟା ଅଭିଯୋଗ

ବଉଁରପାଳ, ୩।୧୦(ଡି.ଏନ.ଏ.)- ବଉଁରପାଳ ଥାନା ଅନ୍ତର୍ଗତ ଗୋତମରା ଗ୍ରାମର ନବବଧୂ ଲାଲି ରାଉତଙ୍କୁ ଅଧିକ ଯୌତୁକ ଦାବି କରି ହତ୍ୟା କରାଯାଇଥିବା ବୁଧବାର ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ପରଜଙ୍ଗ ଥାନା ବସୁଲେଇ ଗ୍ରାମର ଅଯୋଧାଙ୍କ ଝିଅ ଲାଲିଙ୍କୁ ଗତ ଫେବୃୟାରୀରେ ଗୋତମରା ଗ୍ରାମର ସୁଜିତ ଦେହୁରୀ ବୈଦିକ ରୀତିରେ ବିବାହ କରିଥିଲେ। ହେଲେ ବିବାହ ପରଠାରୁ ଶାଶୁଘର ଲୋକେ ଅଧିକ ଯୌତୁକ ଆଣିବା ପାଇଁ ଦାବି କରୁଥିଲେ। ବୁଧବାର ହଠାତ୍ ଲାଲିଙ୍କ ମୃତ୍ୟୁ ଘଟିଥିବା ନେଇ ଶାଶୁ ଘର ଲୋକେ ଫୋନ ଯୋଗେ ଜଣାଇଥିଲେ। ତେଣୁ ଲାଲିଙ୍କୁ ତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର ମିଶି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଭାଜପାର ପ୍ରତିବାଦ ସଭା

ପାଲଲହଡ଼ା, ୩।୧୦(ଡି.ଏନ.ଏ.)- କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ଓଡ଼ିଶା ସରକାର ଲାଗୁ ନ କରିବା ନେଇ ପାଲଲହଡ଼ା ଭାଜପା ମଣ୍ଡଳ ତରଫରୁ ସ୍ଥାନୀୟ ବଜାର ଛକଠାରେ ବୁଧବାର ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ ରାଜ୍ୟରେ ଲାଗୁ ନ କରି ଓଡ଼ିଶା ସରକାର ଲୋକଙ୍କୁ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ କରୁଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଯୋଜନାରେ ୫୦ ଲକ୍ଷ ପରିବାରକୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା କେନ୍ଦ୍ର ସରକାର ଯୋଗାଇ ଦେଉଥିବାବେଳେ ରାଜ୍ୟ ସରକାର ତାକୁ ଗ୍ରହଣ ନ କରି ନିଜସ୍ୱ ଯୋଜନା କରିବା ହାସ୍ୟାସ୍ପଦ ବୋଲି ଯୁବ ଭାଜପା ନେତା ତଥା ବ୍ଲକ ଅଧକ୍ଷ ମୁକେଶ କୁମାର ପାଲ କହିଛନ୍ତି। ଏହି ପ୍ରତିବାଦ ସଭାରେ ମଣ୍ଡଳ ସଭାପତି ନୀଳାମ୍ବର ପ୍ରଧାନ, ନରେନ୍ଦ୍ର ଭୁକ୍ତା, ଧର୍ମେନ୍ଦ୍ର ସାହୁ, ରଞ୍ଜିତ ସାମଲଙ୍କ ସହ ବହୁ ଭାଜପା ନେତା ଉପସ୍ଥିତ ଥିଲେ।

■ମହିଳାଙ୍କୁ ତଣ୍ଟିଚିପି ହତ୍ୟା ଘଟଣା

### ମୁଖ୍ୟ ଅଭିଯୁକ୍ତ ଗିରଫ

ବଇଣ୍ଡା, ୩।୧୦(ଡି.ଏନ.ଏ.)- ହଣ୍ଡପା ଥାନା ଖୋଲାରେଗେଡା ଗ୍ରାମରେ ଗତ ୨୫ ତାରିଖ ଲିଲି ପ୍ରଧାନ ନାମ୍ନୀ ଜଣେ ମହିଳାଙ୍କୁ ଅପହରଣ କରି ନିକଟସ୍ଥ ଏକ ନାଳରେ ପଥରରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସେହିଗ୍ରାମର ଅକ୍ଷୟ ପ୍ରଧାନଙ୍କୁ ମଙ୍ଗଳବାର ରାତିରେ ବଇଣ୍ଡା ରେଳ ଷ୍ଟେଶନ ନିକଟରୁ ଗିରଫ କରିଛି। ହତ୍ୟାକାଣ୍ଡ ପରେ ଅକ୍ଷୟ ଫେରାର ଥିବାବେଳେ ମଙ୍ଗଳବାର ରାତିରେ ରାଜ୍ୟ ବାହାରକୁ ଯିବା ପାଇଁ ଯୋଜନା କରୁଥିବା ଖବରପାଇ ହଣ୍ଡପା ପୋଲିସ ଚଢ଼ାଉ କରିଥିଲା।

### ଶ୍ରମିକ ନେତାଙ୍କ ବିୟୋଗରେ ଶୋକ

ବଉଁରପାଳ, ୩।୧୦(ଡି.ଏନ.ଏ.)- ହିନ୍ଦ୍ ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଶ୍ରମିକ ନେତା ବିଦ୍ୟାଧର ବାରିକଙ୍କ ବିୟୋଗରେ ନେପୁ ସଙ୍ଗଠନ ପକ୍ଷରୁ ଶୋକ ପ୍ରକାଶ ପାଇଛି। ଏହି ଉପଲକ୍ଷେ କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ନେପୁର ସଭାପତି ବିନୋଦ ବିହାରୀ ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦକ ମାଙ୍ଗିଲାଲ ସାମଲ ଶ୍ରମିକଙ୍କ ପ୍ରତି ବିଦ୍ୟାଧରଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ସଭାପତି ଅଜୟ ଦାସ, ସର୍ବସିଦ୍ଧି ବାଗ, ଦିଲୀପ ସାମନ୍ତ, ଲିଟୁ ଗଡ଼ନାୟକ, ଡ. ବିଶ୍ୱାଳ, ତଉଁଲୁ ସାହୁ, ସଞ୍ଜୟ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଖବରଦାତାଙ୍କୁ ଆକ୍ରମଣର ପ୍ରତିବାଦ

ଆଠମଲ୍ଲିକ,୩।୧୦(ଡି.ଏନ.ଏ.)- ରାଜ୍ୟର ବିଭିନ୍ନ ସ୍ଥାନରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉପରେ ବାରମ୍ବାର ଆକ୍ରମଣ ଘଟଣାକୁ ଆଠମଲ୍ଲିକ ପ୍ରେସ୍ କ୍ଲବ ପକ୍ଷରୁ ନିନ୍ଦା କରାଯାଇଛି। ଏହା ପ୍ରତିବାଦରେ ବୁଧବାର ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଖବରଦାତାମାନେ ଧାରଣା ଦେଇଥିଲେ। ଆଶିଷ କୁମାର ସିଂହ, ଜୟଗୋପାଳ ଷଡଙ୍ଗୀ, ସୁଧାଂଶୁ ଗାଇଗରିଆ, ଉଦୀପ୍ତ ପୁରୋହିତ, ହରପ୍ରସାଦ ମିଶ୍ର, ମେହମୁଦ ଖାଁ, ଦେବବ୍ରତ ପ୍ରଧାନ, କମଳାକାନ୍ତ ମିଶ୍ର, ସୁନୀଲ କୁମାର ମହାନ୍ତି, ପ୍ରବୋଧ ବିଶୋଇ, ବିନୟ କୁମାର ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

■ପରିମଳ ବ୍ୟବସ୍ଥାର ଅନୁଧ୍ୟାନ କଲେ ଜିଲାପାଳ

# କୁଢ଼ କୁଢ଼ ଆବର୍ଜନା ଦେଖି ଖପ୍ପା

■ଦୁଇ ଦିନ ମଧ୍ୟରେ ସମାଧାନ ନିର୍ଦ୍ଦେଶ

■ସହଯୋଗ ନ କଲେ କାର୍ଯ୍ୟାନୁଷ୍ଠାନ

**ଅନୁଗୋଳ ଅଫିସ, ୩।୧୦**



ବସ୍‌ଷ୍ଟାଣ୍ଡ ପରିସରରେ ଜିଲାମାଳନ ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

ଅନୁଗୋଳ ପୌରପାଳିକାର କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ପ୍ରଶାସକ ଦାୟିତ୍ୱରେ ଥିବା ଜିଲାପାଳ ଅନିଲ କୁମାର ସାମଲ ବୁଧବାର ସହରର ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିବାକୁ ସକାଳୁ ବସ୍‌ଷ୍ଟାଣ୍ଡ ଓ ଡେଲି ମାର୍କେଟରେ ପହଞ୍ଚିଥିଲେ। ତେବେ ସେଠାକାର ଅସ୍ୱାସ୍ଥ୍ୟକର ପରିବେଶ ଓ କୁଢ଼ କୁଢ଼ ଆବର୍ଜନା ଦେଖି ଜିଲାପାଳ ଖପ୍ପା ହୋଇଯାଇଥିଲେ। ୨ ଦିନ ମଧ୍ୟରେ ଏକ ବୈଠକ କରି ପରିସ୍ଥିତିର ସମାଧାନ କରିବାକୁ ଉପସ୍ଥିତ ଉପଜିଲାପାଳ ବାସୁଦେବ ଶତପଥୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସଫେଇ କାର୍ଯ୍ୟରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ। ଯେଉଁମାନେ ଏଥିରେ ସହଯୋଗ କରିବେ ନାହିଁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଚେତାବନୀ ଦେଇଥିଲେ।

ଦୀର୍ଘ ଦିନ ହେବ ପୌରପାଳିକା ସଫେଇ କର୍ମଚାରୀମାନେ ଆନ୍ଦୋଳନ ଚଳାଇଥିବାରୁ ସହର ସାରା କୁଢ଼ କୁଢ଼ ଅଳିଆ ଗଦା ହୋଇ ରହିଛି। ବିଭିନ୍ନ ସ୍ଥାନରୁ ବ୍ୟବସାୟ ଉଦ୍ଦେଶ୍ୟରେ ଓ ଅନ୍ୟାନ୍ୟ କାର୍ଯ୍ୟରେ ଆସୁଥିବା ଲୋକମାନଙ୍କ ସଂଖ୍ୟା ଦୃଷ୍ଟିରୁ ଅଧିକ ସଫେଇ କର୍ମଚାରୀଙ୍କ ଆବଶ୍ୟକତା ରହିଛି। ଏ ନେଇ ଶୀଘ୍ର ବିଭାଗୀୟ ସଚିବଙ୍କୁ ଚିଠି ଲେଖାଯିବ ବୋଲି ଜିଲାପାଳ କହିଥିଲେ। ଗତ ଏପ୍ରିଲରେ ବିଭାଗୀୟ ନିର୍ଦ୍ଦେଶକଙ୍କ ପରିଦର୍ଶନ ବେଳେ ସଫେଇ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଉକ୍ତ ବୈଠକରେ ପ୍ରତି ୧୦ ହଜାର ଲୋକ ସଂଖ୍ୟାରେ ୨୮ ଜଣ ସଫେଇ କର୍ମଚାରୀ ନିୟୋଜିତ ହୋଇପାରିବେ ବୋଲି ସରକାରଙ୍କ ନିୟମାବଳୀ ସମ୍ପର୍କରେ ସେ ଅବଗତ କରିଥିଲେ। ବର୍ତ୍ତମାନ ଅନୁଗୋଳ ସହରର ଲୋକସଂଖ୍ୟା ୪୩ ହଜାର ଥିବାରୁ ୧୧୨ ଜଣ କର୍ମଚାରୀ ନିୟୋଜିତ ହୋଇପାରିବେ। କିନ୍ତୁ ସହରର ସଫେଇ କାର୍ଯ୍ୟକୁ ୩ଟି ଜୋନରେ ବିଭକ୍ତ କରାଯାଇ ଟେଣ୍ଡର ଦିଆଯାଇଛି। ୧ ନଂ ଜୋନରେ ୩୨ ଜଣ ଓ ୩ ନଂ ଜୋନରେ ୩୪ ଜଣ ନିୟୋଜିତ ହୋଇଥିବାବେଳେ ୨ ନଂ ଜୋନ୍‌ର ଟେଣ୍ଡର ଚୂଡ଼ାନ୍ତ ହୋଇ ନ ପରିବାରୁ ସେଥିରେ ଥିବା ସଫେଇ କର୍ମଚାରୀମାନେ କେଉଁ ଜୋନ୍‌ରେ କାର୍ଯ୍ୟ କରିବେ ସେ ସମ୍ପର୍କରେ ଉପଜିଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ବୁଧବାର ଜିଲାପାଳ ପରିଦର୍ଶନ ସମୟରେ ତୁରନ୍ତ ସରକାରଙ୍କ ଦ୍ୱାରା ପଲିଥିନ ଉଚ୍ଛେଦ ନିମନ୍ତେ ପ୍ରଣିତ ଆଇନକୁ କାର୍ଯ୍ୟକାରୀ କରିବାକୁ ପୌରପାଳିକା ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ଜେନାଙ୍କୁ ପରାମର୍ଶ ଦେଇଥିଲେ। ଅନୁଗୋଳ ସହରକୁ ବାହାରୁ କୌଣସି ପଲିଥିନ ଯେପରି ନ ଆସେ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହ ମାଇକ୍ ଯୋଗେ ପ୍ରଚାର କରିବାକୁ ପରାମର୍ଶ ଦେଇଥିଲେ।



■ସ୍କୁଲ ଖେଳ ପଡିଆ ଜବରଦଖଲ ଅଭିଯୋଗ

# ତହସିଲ ସମ୍ମୁଖରେ ମହିଳାଙ୍କ ଧାରଣା

**ଛେଣ୍ଡିପଦା, ୩।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ତହସିଲ ଅନ୍ତର୍ଗତ ପୋଡାପଡା ଗ୍ରାମର ଶତାଧିକ ମହିଳା ବୁଧବାର ପୂର୍ବାହ୍ନରେ ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ପୋଡାପଡା ହାଇସ୍କୁଲ ଖେଳ ପଡିଆକୁ ଜନୈକ ବ୍ୟକ୍ତି ଜବରଦଖଲ କରି ସେଠାରେ ଘର ତିଆରି କରିବା ସହ ଆଉ କେତେଜଣ ସେଠାରେ ଚାଷ କରୁଥିବା ଅଭିଯୋଗ କରି ଉକ୍ତ ପଡିଆକୁ ସ୍କୁଲକୁ ପ୍ରଦାନ ଦାବିରେ ଏହି ଧାରଣା ଦିଆଯାଇଥିବା ମହିଳାମାନେ ପ୍ରକାଶ କରିଛନ୍ତି। ଏଥିଯୋଗୁ ପ୍ରାୟ ଘଣ୍ଟାଏ ଧରି ତହସିଲ କାମ ବାଧାପ୍ରାପ୍ତ ହୋଇଥିଲା। ଅଭିଯୋଗରୁ ଜଣାଯାଏ, କିଛି ବର୍ଷ ହେବ ଗ୍ରାମର କେତେଜଣ ଲୋକ ଉକ୍ତ ଖେଳ ପଡିଆକୁ ଜବରଦଖଲ କରି ସେଠାରେ ଚାଷ କରିବା ସହିତ ଜଣେ ବ୍ୟକ୍ତି ଘର ତିଆରି କରିଛନ୍ତି। ଫଳରେ ସ୍କୁଲ ପିଲାମାନେ ସେଠାରେ ଖେଳି ପାରୁ ନ ଥିବା ସହ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହେବାରେ ମଧ୍ୟ ବାଧା ଉପୁଜୁଛି। ଏ ନେଇ ମହିଳାମାନେ ସେପ୍ଟେମ୍ବର ୨୦ରେ ଛେଣ୍ଡିପଦା ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ହେଲେ ଏ ତହସିଲ ପକ୍ଷରୁ ଏହାର ସମାଧାନ କରା ଯାଇ ନ ଥିବାରୁ ଗ୍ରାମର ଅଞ୍ଜନା ଗଡନାୟକଙ୍କ ନେତୃତ୍ୱରେ ଶତାଧିକ ମହିଳା ତହସିଲ ସାମ୍ନାରେ ଧାରଣାରେ ବସିଥିଲେ। ଏଥିଯୋଗୁ ତହସିଲ କାର୍ଯ୍ୟରେ ବାଧା ଉପୁଜିବାରୁ ତହସିଲଦାର ଡାନିଏଲ ଏକ୍କା ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୨ଦିନ ମଧ୍ୟରେ ଘଟଣାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ହଟିଥିଲା।

# ଗାନ୍ଧୀ, ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ



ଓପି ଜିନ୍ଦଲ ସ୍କୁଲରେ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଉଛି।

**ଅନୁଗୋଳ ଅଫିସ, ୩।୧୦**

ଅନୁଗୋଳ ସ୍ଥିତ ଓପି ଜିନ୍ଦଲ ସ୍କୁଲ ପରିସରରେ ୧୫୦ ତମ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଛନ୍ଦା ଚରଣ ଦାଶ ଏହି ସଭାରେ ଅଧ୍ୟକ୍ଷତା କରି ଗାନ୍ଧୀ ଓ ଶାସ୍ତ୍ରୀଙ୍କ ନୀତି, ଆଦର୍ଶ ଏବଂ ବିଚାରଧାରାରେ ସମସ୍ତେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶିକ୍ଷକ ଡ.ଇମ୍ରାନ ପରବେଜ, ଗିରିଶ କୁମାର ମିଶ୍ର, ଧର୍ମେନ୍ଦ୍ର ସେଲି, ବିଜୟଲକ୍ଷ୍ମୀ ନରେନ୍ଦ୍ର, ଋଷି ଅଗସ୍ତି, ଶିକ୍ଷୟିତ୍ରୀ ସୁଚେତନା ଲାହିରୀ, ସଙ୍ଗୀତା ଶର୍ମା, ସୋମା ସରକାର, ଛାତ୍ର ସାନ୍ତନୁ ଓ ଜି. ଶକ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷୟିତ୍ରୀ ହେମଲତା ମିଶ୍ରଙ୍କ ନିର୍ଦ୍ଦେଶନାରେ ଗାନ୍ଧିଜୀଙ୍କ ଜୀବନୀ ଉପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ କରାଯାଇଥିଲା। ଲିଲି ମହାନ୍ତି ସଭା ସଂଯୋଜନା କରିଥିଲେ। ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଆନ୍ତର୍ଜାତିକ କ୍ରୀଡ଼ାବିତ୍‌ଙ୍କ ମାଲେସିଆ ଗସ୍ତ

**ଅନୁଗୋଳ ଅଫିସ, ୩।୧୦**

ଅନୁଗୋଳର ଆନ୍ତର୍ଜାତିକ କ୍ରୀଡ଼ାବିତ୍ ତଥା ଖଲାରୀ ପଞ୍ଚାୟତ ଗଡ଼ପଦା ସାହିର ପ୍ରକାଶ ଗଡ଼ନାୟକ ମାଲେସିଆରେ ମାଷ୍ଟର୍ସ ଆଥ୍‌ଲେଟିକ୍ସ ମିଟ୍‌ରେ ଭାଗ ନେବାକୁ ମାଲେସିଆ ଗସ୍ତ କରିବେ। ସେ ଆସନ୍ତା ୧୩ ଓ ୧୪ରେ ଉକ୍ତ ପ୍ରତିଯୋଗିତାରେ ଭାଗନେବେ। ଇଣ୍ଡିଆନ ମାଷ୍ଟର୍ସ ଆଥଲେଟିକ୍ସ ସଂଘ ପକ୍ଷରୁ ତାଙ୍କୁ ଏଥିପାଇଁ ମନୋନୀତ କରାଯାଇଥିଲା। ସେ ୧୦୦ ମିଟର, ୨୦୦ ମିଟର ଓ ୪୦୦ ମିଟର ରେସ ଓ ଲମ୍ବଡ଼ିଆଁରେ ଦେଶ ପାଇଁ ଖେଳିବେ। ଏଥିପାଇଁ ସେ ୧୦ ତାରିଖରେ ଭୁବନେଶ୍ୱରରୁ ମାଲେସିଆ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, କ୍ରୀଡ଼ାବିତ ଗଡ଼ନାୟକ ଗତ ଫେବୃୟାରୀରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଥିବା ଜାତୀୟସ୍ତରୀୟ ମାଷ୍ଟର୍ସ ଆଥଲେଟିକ୍ସରେ ଭାଗ ନେଇ ୨ଟି ପଦକ ହାସଲ କରିଥିଲେ। ଏହାପରେ ଚଣ୍ଡିଗଡ଼ ଠାରେ ଗୋଟିଏ ପଦକ ହାସଲ କରିଥିଲେ। ସେହିପରି ଗତ ଅଗଷ୍ଟରେ କଲମ୍ବୋ ଠାରେ ଅନୁଷ୍ଠିତ ମାଷ୍ଟର୍ସ ଆଥଲେଟିକ୍ସ ମିଟ୍‌ରେ ତିନୋଟି ବ୍ରୋଞ୍ଜ ପଦକ ହାସଲ କରି ଜିଲା ତଥା ଦେଶକୁ ଗୌରବାନ୍ୱିତ କରିଥିଲେ।

# ଠିକା ଶ୍ରମିକଙ୍କ ବୈଠକ



ସଭାରେ ଯୋଗଦେଇଥିବା ଶ୍ରମିକମାନେ।

**ବଉଁରପାଳ, ୩।୧୦(ଡି.ଏନ.ଏ.)**

ନାଲ୍‌କୋ ସିପିପି ପ୍ରଶାସନିକ କାର୍ଯ୍ୟାଳୟ ଠାରେ ବୁଧବାର ସକାଳେ ନାଲକୋରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ଏକ ବୈଠକ ବସିଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା ଯୋଗଦେଇ ଶ୍ରମିକଙ୍କ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଠିକା ଶ୍ରମିକ ପ୍ରମୋଦ ସାହୁଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ



କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।

**ଅନୁଗୋଳ ଅଫିସ, ୩।୧୦**

ଜିଲା ଆଇନସେବା ପ୍ରାଧିକରଣ ତରଫରୁ ସୋମବାର ଜିଲା କୋର୍ଟ ପରିସରରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ଶୌଭାଗିନୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ପ୍ରାଧିକରଣ ସଚିବ ଅଭିନନ୍ଦିତା ପଣ୍ଡା ସଞ୍ଚାଳନ କରିଥିବାବେଳେ ସିଜେଏମ୍ ସୁରେଶ ଚନ୍ଦ୍ର ପ୍ରଧାନ, ସବଜଜ୍ ଇପ୍ସିତା ପଶାୟତ, ଏସ୍‌ଡିଜେଏମ୍ ସୁରେଶ ଚନ୍ଦ୍ର ପ୍ରଧାନ, ରେଜିଷ୍ଟ୍ରାର ପ୍ରଣତି ପଟ୍ଟନାୟକ, ପ୍ରୋବେସନର ଚରଣ କୁମାର ଜେନା, ସୁହାନୀ ପଟ୍ଟନାୟକ, ତରଣି ପ୍ରସାଦ ସାହୁ, ଜିଲା କୁଷ୍ଠ ରୋଗ ନିରାକରଣ ଅଧିକାରୀ ତ୍ରିଲୋଚନ ପ୍ରଧାନ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ଜନସ୍ୱାସ୍ଥ୍ୟ) ଡାକ୍ତର ରାକେଶ କୁମାର ସାହୁ, ସରକାରୀ ଓକିଲ ପରମାନନ୍ଦ ମିଶ୍ର, ବରିଷ୍ଠ ଆଇନଜୀବୀ ବସନ୍ତ କୁମାର ଦାସ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଦିବାକର ସାହୁ, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ପୂର୍ଣ୍ଣଚନ୍ଦ୍ର ସିଂ ସାମନ୍ତ ଓ ପ୍ରାଧିକରଣ ସଦସ୍ୟ ପର୍ଶୁରାମ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ଅଧିକାରୀମାନେ କହିଥିଲେ ଯେ, ବୟସ୍କ ବ୍ୟକ୍ତିମାନେ ହେଉଛନ୍ତି ସମାଜର ମାର୍ଗଦର୍ଶକ। ସେମାନଙ୍କ ବିନା ଏକ ବିକଶିତ ଓ ସୁସ୍ଥ ସମାଜ ଗଠନ ଅସମ୍ଭବ। ତଥାପି ଆଜିର ବସ୍ତୁବାଦୀ ସମାଜରେ ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି କେଉଁଠି ନା କେଉଁଠି ଅବହେଳା ପ୍ରଦର୍ଶନ କରାଯାଉଛି। ସମାଜର ବିକାଶରେ ସେମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନଙ୍କଠାରୁ ମାର୍ଗଦର୍ଶନ ଗ୍ରହଣ କରିବା, ସେମାନଙ୍କୁ ସମ୍ମାନ ପ୍ରଦାନ କରିବା ପ୍ରତ୍ୟେକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ। ଏଥିସହିତ ସେମାନଙ୍କ ନିମନ୍ତେ ଆଇନରେ ରହିଥିବା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ସଚେତନତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ମୁଖ କାର୍ଯ୍ୟାଳୟର କର୍ମଚାରୀମାନେ ପରିଚାଳନା କରିଥିବାବେଳେ ପ୍ୟାନେଲ ଓକିଲ ଓ ପାରାଲିଗାଲ ସାମାଜିକ କର୍ମୀମାନେ ସହଯୋଗ କରିଥିଲେ।

# 'ସହଜରେ, ଠିକ୍ ସମୟରେ ସେବା ପହଞ୍ଚାଅ'

**ଅନୁଗୋଳ ଅଫିସ, ୩।୧୦**



ଜିଲାସ୍ତରୀୟ କାର୍ଯ୍ୟକ୍ରମ ଓ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମର ପ୍ରଶିକ୍ଷଣ ଶିବିର।

ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଓ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମର ୨ ଦିନିଆ ପ୍ରଶିକ୍ଷଣ ଶିବିର ବୁଧବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରକୁ ଜିଲାପାଳ ଅନିଲ କୁମାର ସମାଲ ଶୁଭାରମ୍ଭ କରିଥିଲେ। ଲୋକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସେବା କିପରି ସେମାନଙ୍କ ପାଖରେ ସହଜରେ ଓ ଠିକ୍ ସମୟରେ ଉପଲବ୍ଧ ହେବ ସେଥିପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଆବଶ୍ୟକ ଜ୍ଞାନ ଆହରଣ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସରକାର ନାଗରିକମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦେବା ନିମନ୍ତେ ଲୋକସେବା ଅଧିକାର ଅଧିନିୟମରେ ୨୫ଟି ବିଭାଗର ୩୪୧ ସେବାକୁ ଅନ୍ତର୍ଭୁକ୍ତ କରିଛନ୍ତି। ସମସ୍ତେ ଏହି ସେବାଗୁଡ଼ିକ ସମ୍ପର୍କରେ ଜାଣି ଅନ୍ୟକୁ ଅବଗତ କରିବାକୁ ଜିଲାପାଳ ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ବୈଷୟିକ ଜ୍ଞାନ ବଳରେ ନିଜେ ସଶକ୍ତ ହୋଇ ସରକାରଙ୍କ ପ୍ରତ୍ୟେକ ଯୋଜନାର ସୁଫଳ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଏହି ଶିବିରରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଅଧ୍ୟକ୍ଷତା କରି ବିଭିନ୍ନ ସରକାରୀ ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ବଉଁରପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଞ୍ଜଳି ଭୋଇ, କିଶୋରନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ବବିତା ପ୍ରଧାନ ଓ ଆଠମଲ୍ଲିକ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦଳେଇ, ଡେପୁଟି କଲେକ୍ଟର ବଇତୁରା ଦୀପ୍ ପ୍ରମୁଖ ଯୋଗ ଦେଇଥିଲେ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଉପ ପ୍ରକଳ୍ପ ସଂଯୋଜିକା ସରିତା କାନୁନ୍‌ଗୋ, ସର୍ବଶିକ୍ଷା ଅଭିଯାନର ବିଜୟ କୁମାର ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ସୋଫି ସାଇନିକା, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସହକାରୀ ପ୍ରକଳ୍ପ ସଂଯୋଜକ ସିଦ୍ଧାନ୍ତ ଶେଖର ପଣ୍ଡାଙ୍କ ସମେତ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ଶିବିର ସଂଯୋଜନା କରିଥିବାବେଳେ ଜିଲା ସଂଯୋଜକ ଚିତ୍ତରଞ୍ଜନ ସାହୁ ସହଯୋଗ କରିଥିଲେ।

## କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ

**ଅନୁଗୋଳ ଅଫିସ, ୩।୧୦**

ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରର କର୍ମଚାରୀ ତଥା ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ମିଳିତ ଉଦ୍ୟମରେ ସଫେଇ, ପୋଷ୍ୟ ଗ୍ରାମମାନଙ୍କରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବନିତା ଶତପଥୀଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଓ ଅନୁଗୋଳ ବ୍ଲକ କଲେଜପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ପ୍ରଧାନ ଏବଂ ସମସ୍ତ କର୍ମଚାରୀଙ୍କ ସମେତ କୁନି କୁନି ଛାତ୍ରୀଛାତ୍ରମାନେ ସ୍ୱଚ୍ଛତା ସ୍ଲୋଗାନ ଦେଇଥିଲେ। ଏକ ପଥପ୍ରାନ୍ତ ଶୋଭାଯାତ୍ରା, ନାଟକ ଖଲାରୀ ଗ୍ରାମ ପଞ୍ଚାୟତର ମାଟିଆ ସାହି ଠାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରର ସୌମ୍ୟେନ୍ଦ୍ର କୁମାର ମିଶ୍ର ଓ ନରେନ୍ଦ୍ର ବେହେରା ଚକୁଳିଆ ପଣ୍ଡା ବେଶ ଧାରଣ କରି ସଙ୍ଗୀତ ମାଧ୍ୟମରେ ସ୍ୱଚ୍ଛତାର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇଥିଲେ। ବଣୁଆ ସାହି ଗ୍ରାମ କୋଠ ଘର କାନ୍ଥରେ କରାଯାଇଥିବା ସ୍ୱଚ୍ଛତା ସମ୍ବନ୍ଧୀୟ ଚିତ୍ରକଳା ମୁଖ୍ୟ ଆକର୍ଷଣ ଥିଲ।

## ସଂକ୍ଷେପରେ

### ୬ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

ବଇଣ୍ଡା, ୩।୧୦(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବୁଧବାର ୬ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସଭାପତି ପଦ ପାଇଁ ଯୁକ୍ତ ୩ ର ଛାତ୍ର ଜିତେନ୍ଦ୍ର କୁମାର ନାୟକ, ବୀରେନ କୁମାର ସାହୁ, ରାକେଶ ମିଶ୍ର, ସରୋଜ କୁମାର ସାହୁ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ସମ୍ପାଦକ ପଦ ପାଇଁ ଯୁକ୍ତ ୩ର ଛାତ୍ର ପପୁନ ସାହୁ, ନାଟ୍ୟ ସଂସଦ ସମ୍ପାଦକ ପାଇଁ ଅମିତ ସାହୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନେ ସମର୍ଥକଙ୍କ ସହ ଏକ ଶୋଭାଯାତ୍ରାରେ ଆସି ମହାବିଦ୍ୟାଳୟର ନିର୍ବାଚନ ଅଧିକାରୀ ଶ୍ରୀନିବାସ ଦେହୁରୀଙ୍କଠାରେ ପ୍ରାର୍ଥିପତ୍ର ଦାଖଲକରିଥିଲେ। ଯାଞ୍ଚ ଅଧିକାରୀ କାଳନ୍ଦୀ ଚରଣ ପ୍ରଧାନ, ସନ୍ତୋଷ କୁମାର ସାହୁ, ଲମ୍ବୋଦର ପ୍ରଧାନ, ଚନ୍ଦ୍ରଶେଖର ସିଂ, ନିରଞ୍ଜନ ଦାସ, ସବିତା ପଟ୍ଟନାୟକ ପ୍ରାର୍ଥିପତ୍ରଗୁଡିକୁ ଯାଞ୍ଚ କରିଛନ୍ତି। ଗୁରୁବାର ପ୍ରାର୍ଥିପତ୍ର ତାଲିକା ପ୍ରକାଶିତ ହେବ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

### ନାମାଙ୍କନ ଦାଖଲ କଲେ ୧୬ ପ୍ରାର୍ଥୀ



ବଅଁରପାଳ, ୩।୧୦(ଡି.ଏନ.ଏ.)- ବଅଁରପାଳ ପିଏସ୍ଏସ୍ କଲେଜରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବୁଧବାର ୧୬ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସଭାପତି ପଦବୀ ପାଇଁ ସୁନୀଲ ରଣା, ସନ୍ତୋଷ ଦାସ, ହିମାଂଶୁ ଶେଖର ଜେନା, ଯଶୋବନ୍ତ ଭୋଇ ଓ ସୁବ୍ରତ ମାଝି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଉପସଭାପତି ପଦବୀ ପାଇଁ ୩ ଜଣ, ସାଧାରଣ ସମ୍ପାଦକ ପଦରେ ୩ ଜଣ, ସହକାରୀ ସମ୍ପାଦକ ପାଇଁ ୨ ଜଣ, ଡିଏସ୍ଏ ପଦବୀରେ ୨ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଆଥଲେଟିକ ସମ୍ପାଦକ ପଦ ପାଇଁ ଗଣେଶ୍ୱର ସାହୁ ଏକମାତ୍ର ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଥିବା ଜଣାପଡିଛି। ନିର୍ବାଚନ ଅଧିକାରୀ ଭାବେ ଅଧକ୍ଷା ପ୍ରଣତି ମିଶ୍ର ଦାୟିତ୍ୱରେ ଅଛନ୍ତି। ଗୁରୁବାର ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଶୋଭାଯାତ୍ରାରେ ସରିଲା ନାମାଙ୍କନ

# ଆଜି ଚୂଡ଼ାନ୍ତ ହେବ ପ୍ରାର୍ଥୀ ତାଲିକା

ଅନୁଗୋଳ ଅଫିସ୍,୩।୧୦

- ଅନୁଗୋଳ କଲେଜରେ ୩୧ ଜଣ
- ମହିଳା ମହାବିଦ୍ୟାଳୟରେ ୧୪
- ସରଗରମ କଲେଜ କ୍ୟାମ୍ପସ୍

ଛାତ୍ର ସଂସଦ ନିର୍ବାଚନ ପାଇଁ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ଚଳଚଞ୍ଚଳ ହୋଇଉଠିଛି। ବୁଧବାର ଉଭୟ ମହାବିଦ୍ୟାଳୟର ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶାନ୍ତି ଶୃଙ୍ଖଳାର ସହ ଏହି କାର୍ଯ୍ୟକ୍ରମ ଶେଷ ହୋଇଛି। ଅପରାହ୍ନରେ ପ୍ରାର୍ଥିପତ୍ରଗୁଡ଼ିକର ସ୍କ୍ରୁଟିନ୍ ସରିଥିବାବେଳେ ଗୁରୁବାର ପୂର୍ବାହ୍ନରେ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ଏହାପରେ ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ସମୟ ରଖାଯାଇଛି। ସନ୍ଧ୍ୟାରେ ମହାବିଦ୍ୟାଳୟ ନୋଟିସ ବୋର୍ଡରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ବୋଲି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଆଜି ମହାବିଦ୍ୟାଳୟର ପରିବେଶ ବେଶ୍ ସରଗରମ ଥିଲା। ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ ପଟୁଆର ଧରି ନାମାଙ୍କନ ପାଇଁ ଆସିଥିଲେ। କିଏ ବାଜା, ବାଣ ଫୁଟାଇ ସମର୍ଥକଙ୍କ ଗହଣରେ ଆସିଥିଲେ ତ ଆଉ କିଏ ମୋଟର ସାଇକେଲ ଶୋଭାଯାତ୍ରାରେ ମହାବିଦ୍ୟାଳୟ ପରିସରରେ ପ୍ରବେଶ କରିଥିଲେ। ଏହି ସମୟରେ ସମ୍ପୃକ୍ତ ଛାତ୍ରନେତାଙ୍କୁ ସମର୍ଥନ କରି ଆସିଥିବା ବିଭିନ୍ନ ଅଣଛାତ୍ରମାନେ ମହାବିଦ୍ୟାଳୟ ମୁଖ୍ୟ ଫାଟକ ବାହାରେ ରହିଥିଲେ। ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭିନ୍ନ ପଦବୀ ପାଇଁ ମୋଟ୍ ୩୧ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସଭାପତି ପଦବୀ ପାଇଁ ଅବିନାସ ସାହୁ, ରୋଶନ ପ୍ରଧାନ, ସମ୍ବିତ କୁମାର ସାହୁ, ସମୀର ସାହୁ ଓ ସରୋଜ ପ୍ରଧାନ ନାମାଙ୍କନ ଦାଖଲ କରିଛନ୍ତି। ସାଧାରଣ ସମ୍ପାଦକ ପଦ ପାଇଁ ଦିବ୍ୟରଞ୍ଜନ ପ୍ରଧାନ, ସାହିଲ ଭିମାନ, ଶାଶ୍ୱତ ବେହେରା, ଶୁଭେନ୍ଦୁ ଶେଖର ସାହୁ, ଉପସଭାପତି ପାଇଁ ୪ ଜଣ, ସହ-ସମ୍ପାଦକ ପଦବୀ ନିମନ୍ତେ ୨ ଜଣ, ଡ୍ରାମାସୋସାଇଟି ସମ୍ପାଦକ ନିମନ୍ତେ ୫ ଜଣ, ଡ୍ରାମା ସୋସାଇଟି ସହସମ୍ପାଦକ ପାଇଁ ୩, ଆଥ୍ଲେଟିକ୍ କ୍ଲବ ସମ୍ପାଦକ ପାଇଁ ୪, ଆଥ୍ଲେଟିକ କ୍ଲବ ସହସମ୍ପାଦକ ପାଇଁ ଜଣେ, ସାଇନ୍ସ ସୋସାଇଟି ସମ୍ପାଦକ ପାଇଁ ୨, ଗାର୍ଲ୍ସ କମନ ରୁମ୍ ରିପ୍ରେଜେଣ୍ଟିଭ୍ ପାଇଁ ଜଣେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ମହିଳା ମହାବିଦ୍ୟାଳୟରେ ୧୪ ଜଣ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସଭାପତି ପଦ ନିମନ୍ତେ ଶୁଭଶ୍ରୀ ସୁବୁଦ୍ଧି, ସ୍ନେହାନିକ୍ତା ନାଏକ, ପ୍ରିୟଦର୍ଶନୀ ଧଳ, ଡୋନାରାଣୀ ନନ୍ଦ ନାମାଙ୍କନ ଦାଖଲ କରିଛନ୍ତି। ସାଧାରଣ ସମ୍ପାଦିକା ପାଇଁ ସୁମନ ପଣ୍ଡା, ଦୀପା ନାଏକ, ଉପ ସଭାପତି ପାଇଁ ୨ ଜଣ, ସାଧାରଣ ସହ ସମ୍ପାଦିକା ପାଇଁ ଜଣେ, ଡ୍ରାମାସୋସାଇଟି ସମ୍ପାଦିକା ପାଇଁ ଜଣେ, ଡ୍ରାମାସୋସାଇଟି ସହ ସମ୍ପାଦିକା ପାଇଁ ଜଣେ, ଆଥ୍ଲେଟିକ କ୍ଲବ ସମ୍ପାଦିକା ପାଇଁ ୨ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।



### କ'ଣ କୁହନ୍ତି ଆଶାୟୀ ସଭାପତି ପ୍ରାର୍ଥୀ



ଛାତ୍ର ସଂସଦ ସଭାପତି ପାଇଁ ନାମାଙ୍କନ ପତ୍ର ଦାଖଲ କରିଛି। ପ୍ରଚାର ପାଇଁ ଏକ ବାର୍ତ୍ତା ମଧ୍ୟ ପ୍ରସ୍ତୁତ କରି ରଖିଛି। ଆସନ୍ତୁ ଆମେ ଏକ୍ ହେବା, ଏକ ସମ୍ପୂର୍ଣ୍ଣ ସୁନ୍ଦର ମହାବିଦ୍ୟାଳୟ ଗଢ଼ିବା। ଏହି ନାରା ଦେଇ ପ୍ରଚାର ସହ ଛାତ୍ରୀଛାତ୍ରଙ୍କ ସମର୍ଥନ ଲୋଡ଼ିବି।

-ଅବିନାଶ ସାହୁ



ନିର୍ବାଚନରେ ବିଜୟୀ ହେଲେ ପ୍ରଥମେ ଅଧ୍ୟାପକ ସଙ୍କଟ ଘଟଣାକୁ ନେଇ ସରକାରଙ୍କ ନିକଟକୁ ଯିବି। ସେହିପରି ବାହାର ପିଲାଙ୍କ ପ୍ରବେଶ ନିଷେଧ ନିମନ୍ତେ ପଦକ୍ଷେପ ନେବି। ଗେଟ୍‌ରେ ଥିବା ସୁରକ୍ଷାକର୍ମୀଙ୍କ ନିକଟରେ ଏକ ରେଜିଷ୍ଟର ରଖିବାକୁ କର୍ତ୍ତୃପକ୍ଷଙ୍କୁ ନିବେଦନ କରିବି।

-ରୋଶନ ପ୍ରଧାନ



ଖେଳ ପଡ଼ିଆ ସହ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥାରେ ସୁଧାର ଆଣିବାକୁ ଚେଷ୍ଟା କରିବି। ଅଣଛାତ୍ରଙ୍କ ପ୍ରବେଶ ଉପରେ କିପରି ରୋକ୍ ଲଗାଯାଇ ପାରିବ ସେ ନେଇ ସମସ୍ତଙ୍କ ସହଯୋଗ ଲୋଡ଼ିବି। ଏ ନେଇ କ୍ୟାମ୍ପସରେ ପ୍ରଚାର କରିବି।

-ସମ୍ବିତ କୁମାର ସାହୁ



ଦୁଇ ବର୍ଷ ହେବ ବାର୍ଷିକ ଉତ୍ସବ ହୋଇ ନାହିଁ। ଏହାକୁ ପ୍ରାଥମିକତା ଦେବି। ଛାତ୍ର କମନ ରୁମ୍ ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ରଖିବି। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀ ନିବାସ କାହିଁକି ହେଉନାହିଁ ସେ ନେଇ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରଶ୍ନ ରଖିବି।

-ସରୋଜ ପ୍ରଧାନ



## ବନ୍ତଳା କଲେଜରେ ୧୯ ନାମାଙ୍କନ

ବନ୍ତଳା, ୩।୧୦ (ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଳା ଯୁକ୍ତ ୩ ଉଚ୍ଚତର ଶିକ୍ଷା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବୁଧବାର ଶାନ୍ତି ଶୃଙ୍ଖଳାର ସହିତ ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି। ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଏହି ନାମାଙ୍କନ ପତ୍ର ଦାଖଲ ହୋଇଥିବା ବେଳେ ଅପରାହ୍ନ ୨ରୁ ୪ ଟା ପର୍ଯ୍ୟନ୍ତ ପାର୍ଥିପତ୍ର ଯାଞ୍ଚ କରାଯାଇ ଥିଲା। ବିଭିନ୍ନ ପଦବୀ ପାଇଁ ମୋଟ୍ ୨୨ଟି ଫର୍ମ ନିଆଯାଇଥିବା ବେଳେ ୧୯ ଛାତ୍ରୀଛାତ୍ର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ସଭାପତି ପଦ ପାଇଁ ୫ ଜଣ, ଉପସଭାପତି ପଦ ପାଇଁ ୪, ସାଧାରଣ ସମ୍ପାଦକ ପାଇଁ ୪, ଆଥ୍ଲେଟିକ ସମ୍ପାଦକ ପାଇଁ ୩, ସହକାରୀ ସାଧାରଣ ସମ୍ପାଦକ ପାଇଁ ୩ ଜଣ ପ୍ରାର୍ଥୀ ହୋଇଛନ୍ତି। ନିର୍ବାଚନକୁ ନେଇ ଛାତ୍ର କଂଗ୍ରେସ ଓ ଛାତ୍ର ଭାଜପା ଏଠାରେ ଚଳଚଞ୍ଚଳ ଥିବାବେଳେ ଛାତ୍ର ବିଜେଡି ନୀରବ ରହିଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ୨୦୧୭-୧୮ରେ ଛାତ୍ର ବିଜେଡି ତରଫରୁ ବିଜୟୀ ହୋଇଥିବା ସଭାପତି, ସାଧାରଣ ସମ୍ପାଦକ ଓ ଉପସଭାପତି ଏଥର ଛାତ୍ର କଂଗ୍ରେସ ଏବଂ ଛାତ୍ର ଭାଜପା ସହିତ ହାତ ମିଳାଇଥିବା ଚର୍ଚ୍ଚା ହେଉଛି। ଶାନ୍ତି ଶୃଙ୍ଖଳା ପାଇଁ ବନ୍ତଳା ଥାନା ଆଇଆଇସି ସବ୍ୟସାଚୀ ରାଉତଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଆଦିତ୍ୟ ସାହୁ, ରସାନନ୍ଦ ମହାପାତ୍ର, ସୁବାସ ସାହୁ, ଅନିଲ ପ୍ରଧାନ, ବିବେକାନନ୍ଦ ପଟ୍ଟନାୟକ, ପବିତ୍ର ଦେହୁରୀ, ବିଜୟ ସାହୁ, ଅଶୋକ ଷଡ଼ଙ୍ଗୀ ରହିଛନ୍ତି। ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ ପ୍ରାର୍ଥୀମାନଙ୍କ ନାମ ଘୋଷଣା ହେବ ବୋଲି ଅଧକ୍ଷ ମନମୋହନ ସାହୁ ପ୍ରକାଶ କରିଛନ୍ତି।

## ବାପୁଜୀ କଲେଜରେ ପ୍ରାର୍ଥିପତ୍ର ଦାଖଲ

ଛେଣ୍ଡିପଦା, ୩।୧୦(ସ୍ୱ.ପ୍ର./ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ବାପୁଜୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବୁଧବାର ପ୍ରାର୍ଥିପତ୍ର ଦାଖଲ ହୋଇଛି। ସଭାପତି ପଦବୀ ପାଇଁ ବିକାଶ ରଞ୍ଜନ ସାହୁ, ମାମଲା ସାହୁ ଓ ସିକନ ବେହେରା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଉପସଭାପତି ପଦରେ ଉପସଭାପତି ପଦବୀ ସକାଶେ ସିଲୁ ସାହୁ, ସାଧାରଣ ସମ୍ପାଦକ ପଦବୀ ପାଇଁ ଅସିତ କୁମାର ମାଝୀ, କ୍ରୀଡା ସମ୍ପାଦକ ପଦବୀ ପାଇଁ ସୁବାସ ପ୍ରଧାନଙ୍କ ସହ ସାଂସ୍କୃତିକ ସମ୍ପାଦକ ପଦରେ ଜଣେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଗୁରୁବାର ପ୍ରାର୍ଥିପତ୍ର ଯାଞ୍ଚ ପରେ ଚୂଡାନ୍ତ ପ୍ରାର୍ଥିତାଲିକା ପ୍ରକାଶ ପାଇବ ବୋଲି ମହାବିଦ୍ୟାଳୟର ଅଧକ୍ଷ ଲୋକନାଥ ସାହୁ ପ୍ରକାଶ କରିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଅଧ୍ୟାପକ ବସନ୍ତ କୁମାର ପାଣିଗ୍ରାହୀ, ଅନିଲ କୁମାର ମିଶ୍ର, ପ୍ରଦୀପ କୁମାର କର, ଅମିତ କୁମାର ପଟ୍ଟନାୟକ, ଚନ୍ଦ୍ର ଶେଖର ପଟ୍ଟନାୟକ, କର୍ମଚାରୀ ପ୍ରଶାନ୍ତ କୁମାର ସାହୁ, ଗିରୀଶ ଚନ୍ଦ୍ର ସାହୁ ପ୍ରମୁଖ ନିର୍ବାଚନ କାର୍ଯ୍ୟ ପରିଚାଳନା କରୁଛନ୍ତି।

# ଛାତ୍ର ରାଜନୀତିରେ ଭାଜପାର ପ୍ରବେଶ ଚର୍ଚ୍ଚା

ଅନୁଗୋଳ ଅଫିସ,୩।୧୦

ଅନୁଗୋଳ କଲେଜରେ ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଙ୍ଗଠନଗୁଡ଼ିକ ପକ୍ଷରୁ ପ୍ରାର୍ଥୀ ଦିଆଯାଇଛି। ଛାତ୍ର ବିଜେଡିର ସମର୍ଥିତ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ବେଳେ ଛାତ୍ର କଂଗ୍ରେସରୁ ଦୁଇ ଜଣ ସଭାପତି ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ସେହିଭଳି ଭାଜପାର ଛାତ୍ର ସଙ୍ଗଠନ ନ ଥିବା ବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)କୁ ଭାଜପାର ଛାତ୍ର ସଙ୍ଗଠନ ବୋଲି କୁହାଯାଇ ନାମାଙ୍କନ ଦାଖଲ କରାଯାଇଥିବା ସୂଚନା ମିଳିଛି। ତେବେ ଏବିଭିପି ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଅନୁଗୋଳ ଏବିଭିପି ଜିଲା ସଂଯୋଜକ ବାପୁଜୀ ପ୍ରଧାନ କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ସମ୍ପର୍କରେ କିଛି ଜାଣି ନାହିଁ। କେହି ପ୍ରାର୍ଥୀ ହୋଇଥିବା ସନ୍ଧ୍ୟାରେ ଜାଣିଲି। ଅନ୍ୟପକ୍ଷରେ ଛାତ୍ର କଂଗ୍ରେସର ଦୁଇ ଜଣ ପ୍ରାର୍ଥୀ ହୋଇଥିବାରୁ ନାନା କଥା ଶୁଣିବାକୁ ମିଳୁଛି। ଜଣେ ଛାତ୍ର ସଭାପତିଙ୍କ ଠାରୁ ଦାୟିତ୍ୱ ନେଇ ନିର୍ବାଚନ କଥା ବୁଝୁଥିବା ପୂର୍ବତନ ଛାତ୍ର କଂଗ୍ରେସ ଉପସଭାପତି ଲୁଲୁ ପାଣିଗ୍ରାହୀ କହୁଥିବା ବେଳେ ଅନ୍ୟପଟେ ଅନୁଗୋଳ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନା କଂଗ୍ରେସରୁ ପ୍ରାର୍ଥୀ ଦେଇଥିବା କହିଛନ୍ତି।

## ନୀଳକଣ୍ଠେଶ୍ୱର କଲେଜରେ ନିର୍ବାଚନ ବାତିଲ

ତାଳଚେର,୩।୧୦(ନି.ପ୍ର.)

ତାଳଚେର ବଲଣ୍ଡା ସ୍ଥିତ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ବୁଧବାର ବାତିଲ କରାଯାଇଛି। ଛାତ୍ରମାନଙ୍କ ମଧ୍ୟରେ ବିଶୃଙ୍ଖଳା ପରିଲକ୍ଷିତ ହେବାରୁ ନିର୍ବାଚନକୁ ବାତିଲ କରାଗଲା ବୋଲି କଲେଜ ଅଧକ୍ଷ ବିଜ୍ଞପ୍ତି ଜାରି କରିଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଗୋଟିଏ ଗୋଷ୍ଠୀ ନିର୍ବାଚନ ବନ୍ଦ କରିବାକୁ ଦାବି କରିଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ନାମାଙ୍କନ ପତ୍ର ଦାଖଲ କରାଯିବାକୁ ଅଡି ବସିଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ଛାତ୍ର ମୁହାଁମୁହିଁ ହୋଇଥିଲେ। ଖବରପାଇ କଲିୟାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ପୋଲିସ ଉପସ୍ଥିତିରେ ଅଧକ୍ଷ ନିର୍ବାଚନକୁ ବାତିଲ କରିଥିଲେ।

# ରୋବୋ ପ୍ରତି ଆକର୍ଷଣ ଇସ୍ରୋରେ ପହଞ୍ଚାଇଛି

### ଲକ୍ଷେରେ ୭ନଂ. ନରେନ୍ଦ୍ର ଦେହୁରୀ



"ପିଲାବେଳୁ ରୋବୋ ପ୍ରତି ଆକର୍ଷଣ ଥିଲା। ବୟସ ସହ ଧୀରେ ଧୀରେ ସେଥିପ୍ରତି ଆଗ୍ରହ ବଢ଼ୁଥିଲା। ସ୍କୁଲସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ଓ ଜାତୀୟ ସ୍ତରରୁ ପୁରସ୍କୃତ ହେବା ପରେ ସମସ୍ତ ଫି ଛାଡ଼ କରିଦେଇଥିଲେ ପ୍ରଧାନ ଆଚାର୍ଯ୍ୟ। ପରିବାରର ଆର୍ଥିକ ଦୁର୍ବଳ ସ୍ଥିତି ପ୍ରତି ଏହା ପ୍ରଥମ ସହଯୋଗ ଥିଲା, ଯାହା ମୋ ସ୍ୱପ୍ନକୁ ଅଧିକ ସହଜ କରିଦେଇଥିଲା। କଲେଜରୁ ଏନ୍ଆଇଟି ଯିବା ବି ଅସମ୍ଭବ ଲାଗୁଥିଲା। ଶେଷରେ ଶିକ୍ଷା ଋଣ କରି ରାଉରକେଲାରେ ଆଇସିଇ ଶେଷ କରିବା ପରେ ଇସ୍ରୋ ପାଇଁ ବାଟ ଫିଟି ଯାଇଥିଲା। ଲକ୍ଷେ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ନଂ.ରେ ରହିବା ବାସ୍ତବିକ ଗୌରବର ବିଷୟ ବୋଲି କହିଛନ୍ତି ଇସ୍ରୋରେ ବୈଜ୍ଞାନିକ ଭାବେ ସଦ୍ୟ ପାଦ ଦେଇଥିବା ଅନୁଗୋଳର ନରେନ୍ଦ୍ର ଦେହୁରୀ।

ଅନୁଗୋଳ ପୂର୍ତ୍ତ ବିଭାଗର ୪ର୍ଥ ଶ୍ରେଣୀ କର୍ମଚାରୀ ନାରାୟଣ ଦେହୁରୀଙ୍କ ପୁଅ ହେଉଛନ୍ତି ନରେନ୍ଦ୍ର। ଘରେ ମା' ନନ୍ଦିନୀ ଓ ସାନ ଭାଇଙ୍କ ସହ ରହୁଥିବା ନରେନ୍ଦ୍ର ପିଲାବେଳୁ ମେଧାବୀ ଥିଲେ। ଦିଲ୍ଲୀ ଠାରେ ଅନୁଷ୍ଠିତ ସଂସ୍କୃତ ଜ୍ଞାନ ପ୍ରଶ୍ନ ମଞ୍ଚରେ ସେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ମଧ୍ୟ ହୋଇଥିଲେ। ଗତ ଅଗଷ୍ଟ ୩୦ରେ ପ୍ରକାଶିତ ଇସ୍ରୋ ପରୀକ୍ଷା ଫଳରେ ସେ ସଫଳ ହୋଇଥିଲେ ବି ପ୍ରଥମେ ତାହାକୁ ବିଶ୍ୱାସ କରିପାରି ନ ଥିଲେ। ଅନ୍ୟମାନେ କହିବା ପରେ ରେଜଲ୍ଟ ସହ ନିଜ ରୋଲ ନଂ. ମ୍ୟାଚ କରିବା ପରେ ଯାଇ ବିଶ୍ୱାସ କରିଥିଲେ। ନରେନ୍ଦ୍ରଙ୍କ କହିବା ଅନୁଯାୟୀ, ପିଲାବେଳେ ପରିବାରର ଆର୍ଥିକ ସ୍ଥିତି ସେତେଟା ଦୃଢ଼ ନ ଥିଲା। ଅନୁଗୋଳର ଶିଶୁ ମନ୍ଦିରରେ ପଢ଼ିବା ସମୟରେ ପ୍ରଧାନ ଆଚାର୍ଯ୍ୟ ତାଙ୍କ ସ୍କୁଲ ଫି ଛାଡ଼ କରି ଦେଇଥିଲେ। ଭୁବନେଶ୍ୱର ସ୍ଥିତ କଲେଜ ଅଫ ବେସିକ୍ ସାଇନ୍ସ ଆଣ୍ଡ ହ୍ୟୁମାନିଟିଜ୍‌ରୁ ଯୁକ୍ତ ୨ ପରେ ରାଉରକେଲା ଏନ୍ଆଇଟିର ଆଇସିଇ (ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନ ଇଞ୍ଜିନିୟରିଂ)ରେ ପଢ଼ିବା ପାଇଁ ଚୟନ ହୋଇଥିଲେ। ସେହି ସମୟରେ ସବୁଠାରୁ ଅଧିକ ବାଧକ ସାଜିଥିଲା ଅର୍ଥ। ଏପରି କି ସେ ଆଗକୁ ପଢ଼ିବେ କି ନାହିଁ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ଶେଷରେ ଶିକ୍ଷା ଋଣ କରି ନିଜ ଲକ୍ଷ୍ୟପଥରେ ଆଗେଇ ଯିବାକୁ ମନସ୍ଥ କରିଥିଲେ। ଏନ୍ଆଇଟିର କେତେଜଣ ସହପାଠୀଙ୍କ ସହ ମିଶି ଫୋନିକ୍ସ ଆଣ୍ଡ ରୋବଟିକ୍ସ ପ୍ରାଇଭେଟ ଲିମିଟେଡ ନାମରେ ଏକ ଷ୍ଟାର୍ଟଅପ୍ ଆରମ୍ଭ କରିଥିଲେ। ଚାକିରି ପାଇଁ ମଧ୍ୟ ବିଭିନ୍ନ ପ୍ରବେଶିକା ପରୀକ୍ଷାମାନ ଦେଉଥିଲେ। ତେବେ ଇସ୍ରୋରେ ବୈଜ୍ଞାନିକ ବା ଯନ୍ତ୍ରୀ ପଦରେ ଚାକିରି ପାଇଥିବାରୁ ରୋବଟିକ୍ସ ଉପରେ ଅଧିକ ଗବେଷଣା କରିବାକୁ ସେ ଇଚ୍ଛା ରଖିଛନ୍ତି। କିନ୍ତୁ ସେଠାରେ ଯେଉଁ କାର୍ଯ୍ୟଭାର ତାଙ୍କୁ ପ୍ରଦାନ କରାଯିବ ତାହାକୁ ସେ ସୁଚାରୁ ଭାବେ ନିର୍ବାହ କରିବେ ବୋଲି ନରେନ୍ଦ୍ର କହିଛନ୍ତି।

**ଗବେଷଣା ପ୍ରତି କାହିଁକି ମନ ବଳାଇ ଥିଲେ?**

▸▸ପିଲାଟି ଦିନରୁ ଟିଭିରେ ରୋବୋଟମାନଙ୍କୁ ଦେଖି ଆକର୍ଷିତ ହୋଇଥିଲି। ତାହା ଉପରେ ଅଧିକ ଜାଣିବା ପାଇଁ ଚେଷ୍ଟା କରୁଥିଲି। ସେହି ଦୁର୍ବଳତା ପାଇଁ ଶେଷରେ ଗବେଷଣା ଆଡ଼କୁ ଢଳିଲି।

**ଅନୁଗୋଳରୁ ଇସ୍ରୋ, କେତେ ବାଧାବିଘ୍ନ ଥିଲା?**

▸▸ଇଚ୍ଛା ଥିଲେ ମଣିଷ ସବୁ ଅସାଧ୍ୟକୁ ସାଧ୍ୟ କରିପାରିବ। ପ୍ରଥମେ ବହୁ ଦୁଃଖ କଷ୍ଟରେ କ୍ୟାରିୟର ଆରମ୍ଭ ହୋଇଥିଲା। ଘରେ ବାପା ଓ ମା'ଙ୍କ ଆର୍ଶୀବାଦ ସହ ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କ ସହଯୋଗ ଆଜି ଇସ୍ରୋରେ ପହଞ୍ଚାଇଛି।

**ଇସ୍ରୋ ପାଇଁ ପ୍ରସ୍ତୁତି କିପରି ଥିଲା?**

▸▸ମୁଁ ସବୁବେଳେ କିଛି ନା କିଛି କରୁଥାଏ। ଅଧିକରୁ ଅଧିକ ସମୟ ବହି ସହ ବିତାଇଥାଏ। ଇସ୍ରୋ ଇଲେକ୍ଟ୍ରୋନିକ ଶାଖାର ବୈଜ୍ଞାନିକ/ଯନ୍ତ୍ରୀ ପଦ ପାଇଁ ଗତ ୨୨ ଏପ୍ରିଲରେ ସର୍ବଭାରତୀୟ ସ୍ତରରେ ପରୀକ୍ଷା ହୋଇଥିଲା। ପାଖାପାଖି ୧ ଲକ୍ଷ ପ୍ରାର୍ଥୀ ଲିଖିତ ପରୀକ୍ଷା ଦେଇଥିଲେ। ମାତ୍ର ୨୭୦ ଜଣଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିଲା। ସେଥିରୁ ମାତ୍ର ୪୨ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିଛି। ସେହି ସଫଳ ପ୍ରାର୍ଥୀଙ୍କ ତାଲିକାରେ ୭ ନମ୍ବର ସ୍ଥାନ ହାସଲ କରିଥିବାରୁ ନିଜକୁ ଧନ୍ୟ ମନେ କରୁଛି।

**କଲେଜ ସମୟରେ କ'ଣ ତିଆରି କରିଥିଲେ?**

▸▸ଏନ୍ଆଇଟିର କେତେଜଣ ସହପାଠୀଙ୍କ ସହି ମିଶି ଫୋନିକ୍ସ ଆଣ୍ଡ ରୋବଟିକ୍ସ ପ୍ରାଇଭେଟ ଲିମିଟେଡ ନାମରେ ଏକ ଷ୍ଟାର୍ଟଅପ୍ ଆରମ୍ଭ କରିଥିଲି। ଶିଳ୍ପାନୁଷ୍ଠାନ ଓ ସ୍ମାର୍ଟ ସିଟି ଗୁଡ଼ିକରେ ପ୍ରଦୂଷଣ ନିରୀକ୍ଷଣ ପାଇଁ ଏକ ଯନ୍ତ୍ର ତିଆରି କରିଥିବା ଏହି କମ୍ପାନୀକୁ ଅନେକ ପୁରସ୍କାର ଆଉ ସମ୍ମାନ ମିଳିଥିଲା। କିନ୍ତୁ ଆହୁରି ଆଗକୁ ଯିବାକୁ ଥିବାରୁ ନିଜେ ଗଠନ କରିଥିବା କମ୍ପାନୀକୁ ମଧ୍ୟ ଛାଡ଼ିବାକୁ ବାଧ ହୋଇଛି।

**ଯୁବପିଢ଼ିଙ୍କ ପାଇଁ କ'ଣ ସନ୍ଦେଶ ଦେବେ?**

▸▸ନିଷ୍ଠା ଓ କଠିନ ପରିଶ୍ରମ ଦ୍ୱାରା ହିଁ ଆଗକୁ ଯାଇହେବ। ତେଣୁ ପରିଶ୍ରମ କରିଚାଲିଲେ ଫଳ ନିଶ୍ଚିତ ମିଳିବ।

ସାକ୍ଷାତ- ଅମିତ ସାମଲ



## ଆଜି କ'ଣ କେଉଁଠି

■ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ
ସମୟ– ଅପରାହ୍ନ ୪ ଘଟିକା।
ସ୍ଥାନ– ଜିଲା କାର୍ଯ୍ୟାଳୟ।

## ସଂକ୍ଷେପରେ

### ସନ୍ତୋଷ ନୂଆ ଚିଫ୍ ଜେନେରାଲ ମ୍ୟାନେଜର



ତାଲଚେର,୩।୧୦(ନି.ପ୍ର.)- କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ ପ୍ରକଳ୍ପରେ ସନ୍ତୋଷ ଜେମସ ନୂତନ ଚିଫ୍ ଜେନେରାଲ ମ୍ୟାନେଜର ଭାବେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ଦରାଇପାଲିରେ ଚିଫ୍ ଜେନେରାଲ ମ୍ୟାନେଜର ଭାବେ କାମ କରୁଥିଲେ। ରାମଗୁଣ୍ଡମ ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟରୁ ସେ କ୍ୟାରିୟର ଆରମ୍ଭ କରିଥିଲେ। ଏନ୍‌ଟିପିସିର ବିଭିନ୍ନ ପ୍ରକଳ୍ପରେ ସେ ସଫଳତାର ସହ କାମ କରି ଆସିଛନ୍ତି। ବିଭିନ୍ନ ବିଭାଗର ପଦାଧିକାରୀ,ୟୁନିୟନ ପ୍ରତିନିଧିଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି।

■କଣିହାଁ ପୁସ୍ତକ ମେଳାର ୨ୟ ଦିନ

### ମହିଳାଙ୍କ ସୁରକ୍ଷା ଉପରେ ଆଲୋଚନା

କଣିହାଁ, ୩।୧୦(ଡି.ଏନ.ଏ.)- କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପ ନିକଟ ବିଜିଗୋଳ ରାମମନ୍ଦିର ରଙ୍ଗବେଡା ପଡିଆରେ ଆରମ୍ଭ ହୋଇଥିବା ପୁସ୍ତକ ମେଳାର ବୁଧବାର ଥିଲା ୨ୟ ଦିନ। ଏହି ଅବସରରେ ଅପରାହ୍ନରେ ଅନ୍ତାକ୍ଷରୀ ପ୍ରତିଯୋଗିତା ସହ ଜଣାଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମହିଳାମାନଙ୍କ ସୁରକ୍ଷା ଉପରେ ଏକ ଆଲୋଚନା କାର୍ଯ୍ୟକ୍ରମ ହୋଇଥିଲା। ବିଶ୍ୱ ମାନବାଧିକାର ସଙ୍ଗଠନ ସଦସ୍ୟା ତଥା ରାଜ୍ୟ ନାରୀ ଅଧିକାରୀ ସଂଘ ସଭାନେତ୍ରୀ ସସ୍ମିତା ଦାସ, ଏନ୍‌ଟିପିସି ପ୍ରକଳ୍ପ ପଦାଧିକାରୀ ପ୍ରମୋଦ କୁମାର ସାହୁ, ବରିଷ୍ଠ ଆଇନଜୀବୀ ରିଷ୍ଟା ମଞ୍ଜରୀ ସାହୁ ଯୋଗଦେଇ ମହିଳାଙ୍କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ମତ ରଖିଥିଲେ। ଅନ୍ୟପକ୍ଷରେ ମେଳାରେ ବହୁ ସଂଖ୍ୟାରେ ଲୋକଙ୍କ ଭିଡ ପରିଲକ୍ଷିତ ହୋଇଛି। ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିବା ପୁସ୍ତକ ମେଳା କମିଟି ସଦସ୍ୟ ସୁବାସ ପାଣି, ପବିତ୍ର ମୋହନ ନାଗରିକ ମଞ୍ଚ ଉପସଭାପତି କଷ୍ଟୁଚରଣ ସାମଲ ପ୍ରମୁଖ ପ୍ରକାଶ କରିଛନ୍ତି।

### କାର୍ ଦୁର୍ଘଟଣାରେ ୩ ଗୁରୁତର

ବନ୍ତଲା, ୩।୧୦(ଡି.ଏନ.ଏ.) ଅନୁଗୋଳ ଜିଲା ବନ୍ତଲା ଥାନା ଧୋକୁଟା ଯାଉଁଳି ପୋଲଠାରେ ବୁଧବାର ରାତି ପ୍ରାୟ ୯.୨୦ରେ ଏକ କାର୍ (ନଂ. ଓଡ଼ି ୩୩ ଏମ ୧୧୯୩) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କାର ଚାଳକଙ୍କ ସହିତ ସମ୍ବଲପୁର ଗୋଲ ବଜାରର ରାଧିକା ପୋଦାର ଓ ଭୁବନେଶ୍ୱର ଖଣ୍ଡଗିରିର ସମ୍ବିତ ଯୋଗେଲକର ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଓ ପୋଲିସ ପହଞ୍ଚି ସେମାନଙ୍କୁ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ ବନ୍ତଲା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କାର୍‌ଟି ସମ୍ବଲପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ଡାକ୍ତରଙ୍କ ଗଣଧାରଣା




ତାଲଚେର,୩।୧୦(ନି.ପ୍ର.)- ଓମ୍‌ସା ଡାକରାରେ ବିଭିନ୍ନ ଦାବି ନେଇ ତାଲଚେର ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତରମାନେ ପ୍ରତୀକ ଗଣଧାରଣା ଦେଉଛନ୍ତି। ରୋଗୀ ସେବା ଯେଭଳି ବାଧାପ୍ରାପ୍ତ ନ ହୁଏ ତାକୁ ଆଖି ଆଗରେ ରଖି କାମକରିବା ସହିତ ପ୍ରତିଦିନ କିଛି ସମୟ ପାଇଁ ଧାରଣା ଦିଆଯାଉଥିବା ଏସ୍‌ଡିଏମଓ ଅଶୋକ କର ପ୍ରକାଶ କରିଛନ୍ତି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଧାରଣା ଚାଲିବ ଏବଂ ପରେ ଛୁଟିଦିନମାନଙ୍କରେ ସେମାନେ କାର୍ଯ୍ୟ କରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଏଥିସହ ନଭେମ୍ବର ମାସ ଠାରୁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି।

■ଛାତ୍ର ସଂସଦ ନିର୍ବାଚନ ପାଇଁ ସରିଲା ନାମାଙ୍କନ

# କ୍ୟାମ୍ପସରେ ଭରିଲା ଉଷ୍ମତା



ଢେଙ୍କାନାଳ ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।



ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାମାଙ୍କନପତ୍ର ଦାଖଲ।

ଢେଙ୍କାନାଳ ଅଫିସ, ୩।୧୦

ଛାତ୍ର ସଂସଦ ନିର୍ବାଚନର ବୁଧବାର ଥିଲା ନାମାଙ୍କନ ପତ୍ର ଦାଖଲ ଦିବସ। ଢେଙ୍କାନାଳ ଜିଲାର ବିଭିନ୍ନ କଲେଜରେ ଶାନ୍ତିଶୃଙ୍ଖଳାର ସହ ସରିଛି ନାମାଙ୍କନ ଦାଖଲ ପ୍ରକ୍ରିୟା। ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଆଶାୟୀମାନେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି କ୍ରମରେ ଢେଙ୍କାନାଳ ସ୍ୱୟଂଶାସିତ କଲେଜରେ ୩୧ ଏବଂ ମହିଳା କଲେଜରେ ୨୦ ଜଣ ପ୍ରାର୍ଥୀ ହୋଇଛନ୍ତି। ମହିଳା କଲେଜରେ ସଭାପତିରେ ୩, ଉପସଭାପତିରେ ୨ ଏବଂ ସାଧାରଣ ସମ୍ପାଦରେ ୨ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଭାପତି ଓ ସମ୍ପାଦକ ପଦବୀରେ ୫ରୁ ଉର୍ଦ୍ଧ୍ୱ ଆଶାୟୀ ଅଛନ୍ତି। ପ୍ରାର୍ଥିପତ୍ର ଦାଖଲ ବେଳେ କ୍ୟାମ୍ପସରେ ବାରି ହୋଇ ପଡ଼ିଥିଲା ନିର୍ବାଚନୀ ଉଷ୍ମତା। ଢେଙ୍କାନାଳ କଲେଜରେ ବାହାରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ଅପରାହ୍ନରେ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଗୁରୁବାର ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପ୍ରକ୍ରିୟା ରହିଛି। ଅପରାହ୍ନ ୫ଟାରେ ଚୂଡ଼ାନ୍ତ ତାଲିକା ପ୍ରକାଶିତ ହେବ। ନିର୍ବାଚନକୁ ନେଇ ବାତାବରଣ ସରଗରମ ହୋଇଥିବା ବେଳେ ଛାତ୍ରୀଛାତ୍ରମାନେ ଜୋରସୋର୍‌ରେ ପ୍ରଚାର ଆରମ୍ଭ କରିଛନ୍ତି।

### କାମାକ୍ଷାନଗର କଲେଜରେ ନିର୍ବାଚନ ବାତିଲ

କାମାକ୍ଷାନଗର, ୩।୧୦(ଡି.ଏନ.ଏ.)–ଢେଙ୍କାନାଳ ଜିଲା କାମାକ୍ଷାନଗର ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ବାତିଲ କରାଯାଇଛି। ଗତବର୍ଷ ନିର୍ବାଚନ ପରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ୨୦୧୮ ଜୁଲାଇ ୪ରେ କଲେଜ କ୍ୟାମ୍ପସରେ ଛାତ୍ର ଏବଂ ଅଣଛାତ୍ରଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ବୋମାମାଡ଼ ପର୍ଯ୍ୟନ୍ତ କଥା ଯାଇଥିଲା। ଛାତ୍ର ବିଶୃଙ୍ଖଳା ଲାଗି ରହିଥିବାରୁ କଲେଜ ପରିଚାଳନା କମିଟି ଓ ଅଧ୍ୟାପକଙ୍କ ମଧ୍ୟରେ ଆଲୋଚନା କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ଏ ସଂକ୍ରାନ୍ତରେ ମାଧ୍ୟମିକ ଶିକ୍ଷା ପରିଷଦ, ଉଚ୍ଚଶିକ୍ଷା ବିଭାଗ, ଉପଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି।

ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ବୁଧବାର କଲେଜ ବନ୍ଦ ରଖାଯାଇଥିଲା। କଲେଜ କର୍ତ୍ତୃପକ୍ଷଙ୍କ ଏପରି ନିଷ୍ପତ୍ତିକୁ କେତେଜଣ ଛାତ୍ରୀଛାତ୍ର ବିରୋଧ କରିଥିଲେ। ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ପହଞ୍ଚି ବୁଝାଶୁଝା କରିବା ପରେ ସେମାନେ କଲେଜ ଛାଡ଼ି ପଳାଇଥିଲେ। ଏ ସମ୍ପର୍କରେ ଅଧ୍ୟକ୍ଷ ଅରବିନ୍ଦକାନ୍ତ ରାୟ କୁହନ୍ତି, କଲେଜରେ ଶାନ୍ତି ବଜାୟ ରଖିବା ପାଇଁ ସୋମବାର ପରିଚାଳନା କମିଟିର ବୈଠକ ବସିଥିଲା। ସମସ୍ତଙ୍କ ନିଷ୍ପତ୍ତିକ୍ରମେ ନିର୍ବାଚନ ବନ୍ଦ ରଖାଯାଇଛି।

### ଭୁବନ: ସଭାପତି ପଦବୀରେ ୨

ଭୁବନ, ୩।୧୦(ଡି.ଏନ.ଏ.)–ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ବୁଧବାର ଶାନ୍ତିଶୃଙ୍ଖଳାର ସହ ନାମାଙ୍କନପତ୍ର ଦାଖଲ ଶେଷ ହୋଇଛି। ସଭାପତି ପଦବୀରେ ୨ଜଣ ଏବଂ ଅନ୍ୟ ପଦବୀଗୁଡ଼ିକରେ ଜଣେ ଲେଖାଏଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଗୁରୁବାର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଅଧ୍ୟକ୍ଷ କିଶୋର ଚନ୍ଦ୍ର ଦାସ କହିଛନ୍ତି। ଅଧ୍ୟାପକ ଅଜିତ କୁମାର ବେହେରା ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଉଛନ୍ତି। ଅଧ୍ୟାପକ ଅନିଲ ଧୀର, ହୃଦାନନ୍ଦ ବେହେରା, ଅନ୍ନପୂର୍ଣ୍ଣା ବେହେରା, ସୁନୀଲ ରାଉତ, ରାମଚନ୍ଦ୍ର ରାଉତ ପ୍ରମୁଖ ନାମାଙ୍କନ ଦାଖଲ ବେଳେ ସହାୟତା କରିଥିଲେ।

### ପରଜଙ୍ଗ କଲେଜ: ୬ ଜଣ ଅପ୍ରତିଦ୍ୱନ୍ଦ୍ୱୀ

ପରଜଙ୍ଗ, ୩।୧୦(ଡି.ଏନ୍.ଏ.)–ପରଜଙ୍ଗ କଲେଜରେ ବୁଧବାର ଶାନ୍ତିଶୃଙ୍ଖଳାର ସହ ପ୍ରାର୍ଥିପତ୍ର ଦାଖଲ ଏବଂ ଯାଞ୍ଚ ଶେଷ ହୋଇଛି। ବ୍ଲକ ବିଜେଡି ସମର୍ଥନରେ ନାମାଙ୍କନ ଦାଖଲ କରିଥିବା ୬ଜଣ ଛାତ୍ରୀଛାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦବୀରେ ସାଇପ୍ରସାଦ ବିକ୍ରମଜିତ୍, ଉପସଭାପତି ଶ୍ୱେତାଲିନା ପାତ୍ର, ସାଧାରଣ ସମ୍ପାଦିକା ଶୁଭଲକ୍ଷ୍ମୀ ଗଡ଼ନାୟକ, ସହ ସମ୍ପାଦକ ଶିରିଡି ପ୍ରସାଦ ବିକ୍ରମଜିତ୍, କ୍ରୀଡ଼ା ସମ୍ପାଦକ ଭାବେ ମଧୁସ୍ମିତା ଦେହୁରୀ ନାମାଙ୍କନ ଦାଖଲ କରିଥିଲେ। ଏହି ଅବସରରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରିୟଜିତ୍ ସାମଲ ନିର୍ଦ୍ୱନ୍ଦ୍ୱ ହୋଇଥିବା ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ଶୁଭକାମନା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଛାତ୍ର ସଂସଦ ସଭାନେତ୍ରୀ ସ୍ୱୟଂସିଦ୍ଧା ପ୍ରିୟଦର୍ଶିନୀ, ଛାତ୍ର ସରୋଜ କୁମାର ସାହୁ, ବିଶ୍ୱଜିତ୍ ସେଠୀ, ସ୍ମୃତିରଞ୍ଜନ ନାୟକ, ଶିଲ୍ପା ଦଳବେହେରା, ଲିପ୍ସାରାଣୀ ପୁହାଣ, ଅଜିତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଷତିଗ୍ରସ୍ତ ପ୍ରଜାସଂଘର ଧାରଣା

ତାଳଚେର,୩।୧୦(ନି.ପ୍ର.)

ତାଳଚେର ଖଣି ଖାଦାନ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଟ୍ରେନରେ ପାଲଭିଡା ଦାବିରେ ବୁଧବାର ଜଗନ୍ନାଥ ଏରିଆ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଗଣଧାରଣା ଦିଆଯାଇ ଥିଲା। ତାଳଚେର ଅଞ୍ଚଳରେ ୮ଟି ଖୋଲା ଖାଦାନ ଓ ୨ଟି ପୋଖରିଆ ଖାଦାନ ରହିଛି। ପ୍ରତିଦିନ ବହୁ ସଂଖ୍ୟାରେ ର୍ୟାକ ଯୋଗେ କୋଇଲା ପରିବହନ ହେଉଛି। କିନ୍ତୁ ଟ୍ରେନରେ ପାଲ ଭିଡାଯାଉ ନାହିଁ, ଯାହାଦ୍ୱାରା ପ୍ରଦୂଷଣ ବୃଦ୍ଧି ଯାଉଛି। ପ୍ରଦୂଷଣ ବିଭାଗ ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଛି ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ତୁରନ୍ତ ଦାବି ପୂରଣ ନ ହେଲେ ଅଗାମୀ ଦିନରେ ତାଳଚେରରୁ କୋଇଲା ବାହାରକୁ ଛାଡି ଦିଆଯିବ ନାହିଁ ବୋଲି ସଭାପତି ଇଂ ମନୋଜ ପ୍ରଧାନ, ସଂପାଦକ ବିଭୂତ ଭୂଷଣ ବିଶ୍ୱାଳ, ଭାଗୀରଥି ସାହୁ, ହରମୋହନ ବେହେରା, ଅନୁକୂଳ ଆଚାର୍ଯ୍ୟ, ଧୀରେନ ପ୍ରଧାନ, କଳାକାର ସିଂହ, ରିତୁ ନାଏକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏକ ଦାବିପତ୍ର ଖଣି ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।



କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

■ମହିଳା ଶ୍ରମିକଙ୍କ ଘରେ ରାଜମିସ୍ତ୍ରିଙ୍କୁ ତାଲା ପକାଇବା ଘଟଣା

## ପ୍ରତାରଣା ଅଭିଯୋଗରେ ରାଜମିସ୍ତ୍ରି ଗିରଫ

ଛେଣ୍ଡିପଦା,୩।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା ଜରପଡା ଥାନା ଅଞ୍ଚଳର ଜଣେ ମହିଳା ଶ୍ରମିକଙ୍କ ଘରେ ଉକ୍ତ ଥାନା ଅନ୍ତର୍ଗତ ରାଉତାଳ ଗ୍ରାମର ରାଜମିସ୍ତ୍ରି ସୁରେନ୍ଦ୍ର ସାହୁଙ୍କୁ ତାଲା ପକାଇବା ଘଟଣାରେ ପୋଲିସ ବୁଧବାର ସୁରେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୁରେନ୍ଦ୍ର ସମ୍ପୃକ୍ତ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖି ପ୍ରତାରଣା କରିଥିବା ଯୁବତୀ ଜଣକ ଅଭିଯୋଗ କରିବା ପରେ ପୋଲିସ ନଂ. ୧୭୮/୧୮ରେ ଏକ ମାମଲା ରୁଜୁ କରି ସୁରେନ୍ଦ୍ରଙ୍କୁ ଗିରଫ କରିଥିବା ପ୍ରକାଶ କରିଛି।

ପୋଲିସ କହିଛି, ସୁରେନ୍ଦ୍ର ଜଣେ ମହିଳା ଶ୍ରମିକଙ୍କୁ ଦେଢ ବର୍ଷ ହେବ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଗ୍ରାମ କମିଟି ଜରିଆରେ ଉଭୟଙ୍କ ବିବାହ ପାଇଁ ଯୁବତୀଙ୍କ ପରିବାର ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ପରେ ବିବାହ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ସୁରେନ୍ଦ୍ର ବାହା ହେବାକୁ ମନା କରିଥିଲେ। ଏପରିକି ଦୁଇ ଗ୍ରାମର ଭଦ୍ରବ୍ୟକ୍ତିମାନେ ସୁରେନ୍ଦ୍ରଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏ ନେଇ ଯୁବତୀ ଜଣକ ଜରପଡା ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ବିନ୍ଦୁ ବାସିନୀ ବିଶ୍ୱାଳ ଘଟଣାର ତଦନ୍ତ କରିବା ସହ ସୁରେନ୍ଦ୍ରଙ୍କୁ ଗିରଫ କରିଥିଲେ।

■ରେଙ୍ଗାଲି ପାୱାର ପ୍ରୋଜେକ୍ଟ ୟୁନିୟନର ବର୍ଷପୂର୍ତ୍ତି

## ଏକାଠି ହୋଇ ଲଢେଇ କରନ୍ତୁ ଶ୍ରମିକ ସଙ୍ଗଠନ



କଣିହାଁ, ୩।୧୦(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ଇଲେକ୍ଟ୍ରିକାଲ କଲୋନୀଠାରେ ଓଏଚ୍‌ପିସିର ରେଙ୍ଗାଲି ପାୱାର ପ୍ରୋଜେକ୍ଟ ୱାର୍କର୍ସ ୟୁନିୟନ ଏହାର କାର୍ଯ୍ୟାଳୟ ପରିସରରେ ସ୍ୱୀକୃତିପ୍ରାପ୍ତର ୩ୟ ବର୍ଷପୂର୍ତ୍ତି ଉତ୍ସବ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଓଏଚ୍‌ପିସି ଏମ୍ପ୍ଲୋଇଜ ୟୁନିୟନ କୋଅର୍ଡିନେଶନ କମିଟିର ଅଧ୍ୟକ୍ଷ ରମେଶ ଚନ୍ଦ୍ର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ରାଜ୍ୟରେ ଥିବା ବିଭିନ୍ନ ଶ୍ରମିକ ସଙ୍ଗଠନ ଏକତ୍ରିତ ହୋଇ ଶ୍ରମିକମାନଙ୍କ ସମସ୍ୟା ସମାଧାନ ଓ ନ୍ୟାଯ୍ୟ ଦାବି ପୂରଣ ପାଇଁ ସଂଗ୍ରାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ୟୁନିୟନ ଉପଦେଷ୍ଟା ଜଗବନ୍ଧୁ ଶତପଥୀଙ୍କ ସଭାପିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଏସ୍‌ଇବି ଶ୍ରମିକ ମହାସଂଘର ଉପସାଧାରଣ ସମ୍ପାଦକ ସଞ୍ଜୀବ ପ୍ରସାଦ ବେହେରା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ପୁରୀ ନୀଳାଚଳ ଇଞ୍ଜିନିୟରିଂର ଏମ୍‌ଡି ଦୟାନିଧି ସାମଲ, ବିଜୟ କୁମାର ପାତ୍ର, ବାଲିମେଳା ୟୁନିଟ୍‌ର ପି. ଏଲ. ଦଣ୍ଡସେନା, ବିଜୟ କୁମାର ବାରିକ, ବୁର୍ଲା ୟୁନିଟ୍‌ର କମଳ ଲୋଚନ ତ୍ରିପାଠୀ, ସଇଲେଶ ସିଂ, ଏ. ସି. ଦାସ ପ୍ରମୁଖ ଯୋଗ ଦେଇ ଶ୍ରମିକଙ୍କ ପାଇଁ ଟାଳଟୁଳ ନୀତିକୁ ସମାଲୋଚନା କରିଥିଲେ। ସଂଘର ସାଧାରଣ ସମ୍ପାଦକ ବୀରେଶ ଚନ୍ଦ୍ର ପତି ଉପସ୍ଥିତ ଥିଲେ। ସୁଧାକର ସାମଲ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ଡି. ଏନ. ଗଡନାୟକ, ଅଭିମନ୍ୟୁ ଦାସ, ପ୍ରମୋଦ ମହାନ୍ତି, କୃଷ୍ଣ ସାହୁ, ଅଲେଖ ମହାନ୍ତିଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## କୋଇଲା ପରିବହନ ରାସ୍ତା ଅବରୋଧ

ତାଳଚେର,୩।୧୦(ନି.ପ୍ର.)

ତାଳଚେର ବ୍ଲକ ସୋଲଡା ଗ୍ରାମର କେତେଜଣ କ୍ଷତିଗ୍ରସ୍ତ ନିଯୁକ୍ତି ଦାବିରେ ବୁଧବାର କୋଇଲା ପରିବହନ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ବଳରାମ ଓ ହିଙ୍ଗୁଳା ଖଣିର କୋଇଲା ପରବିହନ ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘ ଦିନ ହେଲା ଗ୍ରାମବାସୀ ଜମି ହରାଇ ମଧ୍ୟ ସେମାନଙ୍କୁ ନିଯୁକ୍ତି ମିଳୁନି। ବାରମ୍ବାର ଦାବି, ଅଭିଯୋଗ ପରେ ସୁଫଳ ନ ମିଳିବାରୁ ସକାଳଠାରୁ ଗ୍ରାମବାସୀ କୋଇଲା ପରିବହନ ରାସ୍ତାରେ ବସି ରହି ଆନ୍ଦୋଳନ ଚଳାଇ ଥିଲେ। ପୋଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଆଗାମୀ ୫ରେ ସମସ୍ୟା ସମାଧାନ ନିମନ୍ତେ ଏକ ଉଚ୍ଚସ୍ତରୀୟ ବୈଠକ ବସିବା ପାଇଁ ପ୍ରତିଶ୍ରୁତି ଦେବାପରେ ଅପରାହ୍ନରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



ଢେଙ୍କାନାଳ ଅଫିସ/ପରଜଙ୍ଗ (ଡି.ଏନ୍.ଏ.), ୩।୧୦

ଢେଙ୍କାନାଳ ଜିଲା ଏଏପି ପକ୍ଷରୁ ମଙ୍ଗଳବାର ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଜିଲା ଆବାହକ ପଙ୍କଜ ନାୟକ, ଆଶିଷ ମିଶ୍ର, ନୁରୁଲ ଇସ୍‌ଲାମ, ଚକ୍ରଧର ତରାଇ, ସନ୍ତୋଷ ସେଠୀ, କାମାକ୍ଷା ବେହେରା, ପ୍ରିୟରଞ୍ଜନ ଶତପଥୀ, କୁଞ୍ଜ ବିହାରୀ ଲେଙ୍କା, ପ୍ରଶାନ୍ତ କୁମାର ସାହୁ, ଜନାର୍ଦ୍ଦନ ନନ୍ଦି, ରଘୁନାଥ ପ୍ରସାଦ ମିଶ୍ର, ଭାବଗ୍ରାହୀ ସ୍ୱାଇଁ ପ୍ରମୁଖ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳକୁ ସଙ୍ଗଠିତ କରିବାକୁ ଆବାହକ ଆହ୍ୱାନ ଦେଇଥିଲେ।

ସେହିପରି ଜିଲା ପରଜଙ୍ଗ ବ୍ଲକ ବିଜେଡି ପକ୍ଷରୁ ରେଙ୍ଗାଳି ପାଣି ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା, ମୁଖ୍ୟବକ୍ତା ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି ଯୋଗଦେଇ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୀବନାଦର୍ଶ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ବାପୁଜୀ ଏବଂ ବିଜୁବାବୁ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଉପାଧ୍ୟକ୍ଷା ବିଳାସିନୀ ସେଠୀ, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ଛାତ୍ର ବିଜେଡି ସଭାପତି ପ୍ରିୟଜିତ ସାମଲ, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ସାହୁ, ନିର୍ମାଣ ଶ୍ରମିକ ସଂଯୋଜକ ଦିଲୀପ ବର୍ମା, ନାରୀନେତ୍ରୀ ଅଳକା ମହାପାତ୍ର, ସିଷ୍ଟର ନିବେଦିତା ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ମିନିଟ୍ରକ୍ ଆସୋସିଏଶନର ବୈଠକ

ବଇଣ୍ଡା, ୩।୧୦(ଡି.ଏନ.ଏ.)

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ଗୃହ ନିକଟରେ ମଙ୍ଗଳବାର ବଇଣ୍ଡା ବିଶ୍ୱକର୍ମା ମିନିଟ୍ରକ ଆସେସିଏଶନର ଏକ ବୈଠକ ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମକରା ବିଶ୍ୱାଳ, ପଦ୍ମଲୋଚନ ସାହୁ, ଜୟଦୀ ବିଶ୍ୱାଳ, ସୁରମଣି ଦେହୁରୀ, ସୁଦର୍ଶନ ରଣା, ବିକାଶ ବେହେରା, ନବୀନ ବିଶ୍ୱାଳ, ମିଞ୍ଚା ମହାପାତ୍ରଙ୍କ ସମେତ ବହୁ ଟ୍ରକ୍ ମାଲିକମାନେ ଯୋଗ ଦେଇଥିଲେ। ଏଥିରେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହ ଠିକ୍ ଦର ଅନୁସାରେ ଭଡା ଲାଗିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସଂଘର ନୀତିନିୟମ ଅନୁସାରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସୁବାସ ଶତପଥୀ, ଉପସଭାପତି ଭାବେ ବିଜୟ କୁମାର ସାହୁ, ସମ୍ପାଦକ ଆଶିଷ ବେହେରା, ସହସମ୍ପାଦକ ଭାବେ ଜିତେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଭାବେ ବୀରକିଶୋର ଶତପଥୀ, ଆଇନଜୀବୀ ପରାମର୍ଶଦାତା ଭାବେ ଘନଶ୍ୟାମ ବେହେରାଙ୍କୁ ମନୋନୀତ କରାଯାଇଥିଲା।

■କେନ୍ଦ୍ରୀୟ ପୂଜା କମିଟିର ପ୍ରସ୍ତୁତି ବୈଠକ

## ଶୃଙ୍ଖଳା ଉପରେ ହେଲା ଆଲୋଚନା

ଅନୁଗୋଳ ଅଫିସ,୩।୧୦

ଦୁର୍ଗାପୂଜା ଏବଂ ଲକ୍ଷ୍ମୀପୂଜା ପାଇଁ ଅନୁଗୋଳ କେନ୍ଦ୍ରୀୟ ପୂଜା କମିଟି ସଜବାଜ ଆରମ୍ଭ କରିଛି। ବୁଧବାର କମିଟିର ଏକ ବୈଠକ ଜିଲା କଳାକେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଦୁର୍ଗାପୂଜା ଅକ୍ଟୋବର ୧୫ରୁ ଆରମ୍ଭ ହୋଇ ୨୦ ତାରିଖରେ ଭସାଣି ଅନୁଷ୍ଠିତ ହେବ। ସେହିଭଳି ଅକ୍ଟୋବର ୨୪ରୁ ଲକ୍ଷ୍ମୀପୂଜା ଆରମ୍ଭ ହେଉଥିବା ବେଳେ ନଭେମ୍ବର ୨ରେ ଭସାଣି ହେବ। କମିଟି ଅଧ୍ୟକ୍ଷ ତଥା ପୂର୍ବତନ ନଗରପାଳ ଅକ୍ଷୟ କୁମାର ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦକ ଦିଲୀପ କୁମାର ପ୍ରଧାନ, ସମ୍ପାଦକ ଲକ୍ଷ୍ମୀଧର ଜେନା, ରତିକାନ୍ତ ଦାସ, ତପନ କୁମାର ପୋଲାର, ଅଶୋକ ଅଗ୍ରୱାଲ, ଉପସଭାପତି ସୁନୀଲ କୁମାର ସାହୁ, ସତ୍ୟାନନ୍ଦ ଦଳ ବେହେରା, କିଶୋର କୁମାର କର, ପ୍ରଦ୍ମଚରଣ ସାହୁ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ଦାସଙ୍କ ସମେତ ଅନ୍ୟ ପଦାଧିକାରୀ ଏବଂ ବିଭିନ୍ନ ପୂଜା କମିଟି ସଦସ୍ୟମାନେ ଭାଗନେଇଥିଲେ।



ବୈଠକରେ ଉପସ୍ଥିତ କମିଟିର କର୍ମକର୍ତ୍ତାମାନେ।

ସେହିଭଳି ବୈଠକରେ କମିଟିକୁ ଅଧିକ ସକ୍ରିୟ କରିବା ପାଇଁ ନୂତନ ଭାବେ ପଦାଧିକାରୀ ବଛାଯାଇଥିଲା। ଉପସଭାପତି ନୀଳମଣି ରାଉତଙ୍କୁ ଉପଦେଷ୍ଟା ଭାବେ ରଖାଯାଇଥିଲା। ଅନ୍ୟପଟେ ଦୁର୍ଗା ପୂଜା ଓ ଲକ୍ଷ୍ମୀପୂଜାରେ ଡିଜେ ବାଜିବ କି ନାହିଁ ସେ ନେଇ ଅନେକ ସମୟ ଯାଏ ଆଲୋଚନା ହୋଇଥିଲା। ପୂର୍ବ ବର୍ଷଗୁଡ଼ିକରେ ମେଳଣରେ ବିଳମ୍ବ ଏବଂ ବିଶୃଙ୍ଖଳା ସମ୍ପର୍କରେ କେତେକ ପୂଜା କମିଟି ସଦସ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ। ସର୍ବସମ୍ମତରେ ଚଳିତ ବର୍ଷ ମେଳଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଆସନ୍ତାକାଲି ଜିଲା ପ୍ରଶାସନ ଏବଂ ପୂଜା କମିଟିଗୁଡ଼ିକ ମଧ୍ୟରେ ବୈଠକ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ମେଳଣ ସମ୍ପର୍କରେ କେନ୍ଦ୍ରୀୟ ପୂଜା କମିଟିର ନିଷ୍ପତ୍ତି ପ୍ରଶାସନକୁ ଅବଗତ କରାଇଦିଆଯିବ ବୋଲି ଆଜିର ବୈଠକରେ ନିଷ୍ପତ୍ତି ହୋଇଥିଲା।

